ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.84 Bhubaneswar Wednesday 11 2022 | ୨୫ତମ ବର୍ଷ | ସଂଖ୍ୟା–୮୪ ଭୁବନେଶ୍ୱର, ବୁଧବାର, ମଇ ୧୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

## କାକିନାଡା ପାଖରେ ଉପକୂଳ ଛୁଇଁବ ବାତ୍ୟା ଅସାନି: ଓଡିଶା ଛୁଇଁବନି, ତଥାପି ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର,୧୦।୫(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅସାନି' ଏବେ ଉପକୂଳ ଆଡ଼? ମୁହାଁଇଛି । ଆସନ୍ତାକାଲି ମଧ୍ୟାହ୍ନରେ ଏହା ଆନ୍ଧ୍ରପ୍ରଦେଶର କାକିନାଡା ଓ ବିଶାଖାପାଟଣା ନିକଟରେ ଉପକୂଳ ଛୁଇଁବାର ସମ୍ଭାବନା ରହିଛି ବୋଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସୂଚ଼ନା ଦେଇଛନ୍ତି ।ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚ଼ନା ଦେଇ ଶ୍ରୀ ଜେନା କହିଛନ୍ତି ଯେ, ଏହି ବାତ୍ୟା କାକିନାଡା ନିକଟରେ ଉପକୂଳ ଛୁଇଁବା ପରେ ପୁଣିଥରେ ଗତିପଥ ବଦଳାଇ ଉତ୍ତର ଉତ୍ତପଶ୍ଚିମ ଦିଗରେ ସମୁଦ୍ରକୁ ଯିବ । ତେବେ ସେତେବେଳକୁ ବାତ୍ୟା ଦୁର୍ବଳ ହୋଇ ଡିପ୍ ଡିପ୍ରେସନରେ ପରିଣତ ହୋଇସାରିଥିବ । ଏହି ବାତ୍ୟା ମେ' ୧୨ ରାତି କିମ୍ବା ୧୩ତାରିଖ ସକାଳେ ଓଡିଶା ଉପକୂଳର ନିକଟରେ ଅତିକ୍ରମ କରିବ କିନ୍ତୁ ଓଡିଶା ଉପକୂଳ ଛୁଇଁବ ନାହିଁ ବୋଲି ଅନୁମାନ କରାଯାଉଛି । ତେବେ ଏହାର ପ୍ରଭାବରେ ଓଡିଶାରେ ବର୍ଷାର ସମ୍ଭାବନା ରହିଛି । ବିଶେଷକରି ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ।ସେହିପରି ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁର ଜିଲ୍ଲାରେ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଏହି ବାତ୍ୟା କାକିନାଡା ନିକଟରେ ଉପକୂଳ ଛୁଇଁବା ପରେ ୧୧ ତାରିଖ ମଧ୍ୟାହ୍ନ ସୁଦ୍ଧା ଉତ୍ତର- ଉତ୍ତର-ପୂର୍ବ ଦିଗକୁ ପୁଣିଥରେ




ରିକର୍ଭ କରି ସମୁଦ୍ର ଭିତରକୁ ଯିବ । ଏହାର ପ୍ରଭାବରେ ଓଡିଶାରେ ଘଣ୍ଟାପ୍ରତି ପବନର ବେଗ ୫୦ରୁ ୬୦ କିମି ରହିବ । ବିଶେଷ ପବନ ହୋଇନପାରେ, କିନ୍ତୁ ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି କରିଛନ୍ତି । ଓଡ୍ରାଫ ଓ ଅଗ୍ନିଶମ ବାହିନୀକୁ ବିଭିନ୍ନ ଜିଲ୍ଲାକୁ ପଠାଯାଇଛି । ଗଞ୍ଜାମ ଜିଲ୍ଲାରେ ୬ଟି ଓଡ୍ରାଫ ଟିମ୍ ମୁତୟନ ହୋଇଥିବାବେଳେ କୋରାପୁଟରେ ୬ଟି ଓଡ୍ରାଫ ଟିମ୍?, ମାଲକାନଗିରିରେ ୨ଟି, ଗଜପତି ଓ ରାୟଗଡାରେ ୩ଟି ଲେଖାଏଁ ଓଡ୍ରାଫ ଟିମକୁ ମୁତୟନ କରାଯାଇଛି । କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ମଧ୍ୟ ଅଗ୍ନିଶମ ବାହିନୀ ଟିମକୁ ପଠାଯାଇଛି ।ସମୁଦ୍ର ଭିତରକୁ ନଯିବା ପାଇଁ ବାରଣ ସତ୍ତ୍ୱେ କିଛି ମତ୍ସ୍ୟଜୀବୀ ଲୋଭରେ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଉଥିବାରୁ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଚେତାବନୀ ଦେଇଛନ୍ତି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ କେହି ଯେପରି ନଯିବେ ସେଥିପାଇଁ ଶ୍ରୀ ଜେନା ଚେତାବନୀ ଦେଇଛନ୍ତି । ସମୁଦ୍ର ଭିତରକୁ ଯାଉଥିବା ଲୋକଙ୍କ ବିରୁଦ୍ଧରେ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଆଜି କେନ୍ଦ୍ର ଗୃହ ସଚ଼ିବ ଅଜୟ କୁମାର ଭଲ୍ଲା ଉଭୟ ଓଡିଶା ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । କାକିନାଡା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁବାର ସମ୍ଭାବନା ଥିବାରୁ କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡା ଓ ଗଞ୍ଜାମ ଜିଲ୍ଲାକୁ ହାଇଆଲର୍ଟରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ ଜିଲ୍ଲାରେ ବର୍ଷା ଓ ପବନର ଆଶଙ୍କା ରହିଛି । ଓଡିଶା ସରକାରଙ୍କ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ଉପରେ କେନ୍ଦ୍ର ସରକାର ସନ୍ତୁଷ୍ଟ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।ଏପଟେ ଭୁବନେଶ୍ୱରସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚ଼ନା ଅନୁସାରେ, ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣ ବାତ୍ୟା 'ଅସାନି' ଆନ୍ଧ୍ରପ୍ରଦେଶ ଉପକୂଳରେ କାକିନାଡା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଛୁଇଁବାର ଆଶଙ୍କା କରାଯାଉଛି । ଏବେ ବାତ୍ୟା ଗତ ୬ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୨୫କିମି ବେଗରେ ଗତି କରି ଆଜି ଦିନ ସାଢ଼େ ୧୧ଟା ବେଳକୁ କାକିନାଡାଠୁ ୨୧୦କିମି, ବିଶାଖାପଟଣାର ଦକ୍ଷିଣ-ପଶ୍ଚିମରେ ୩୧୦କିମି, ଗୋପାଳପୁରର ଦକ୍ଷିଣ ପଶ୍ଚିମରେ ୫୩୦ କିମି ଓ ପୁରୀଠାରୁ ଦକ୍ଷିଣ ପଶ୍ଚିମରେ ୬୩୦କିମି ଦୂରରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି । ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୧୧ ତାରିଖ ସକାଳ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ତଥା ସମୁଦ୍ର ଭିତରେ କାକିନାଡା-ବିଶାଖାପାଟଣା ଉପକୂଳ ପହଂଚ଼ିବାର ସମ୍ଭାବନା ରହିଛି ।ପରବର୍ତ୍ତୀ ସମୟରେ ଧୀରେ ଧୀରେ ଗତିପଥ ପରିବର୍ତ୍ତନ କରି ଉତ୍ତର ଉତ୍ତର-ପୂର୍ବ ଦିଗରେ ଗତି କରିବା ସହ ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ କାକିନାଡା ଓ ବିଶାଖାପାଟଣା ମଧ୍ୟରେ ଗତି କରିବ । ପରବର୍ତ୍ତୀ ସମୟରେ ଏହା ପୁଣି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଉତ୍ତର-ଆନ୍ଧ୍ର ଓ ଓଡିଶା ଉପକୂଳ ମୁହାଁ ହେବାର ସମ୍ଭାବନା ରହିଛି । ଏହା ୧୧ ତାରିଖ ସକାଳ ସନ୍ଧ୍ୟା ଭୀଷଣ ବାତ୍ୟାରୁ ଦୁର୍ବଳ ହୋଇ ବାତ୍ୟାରେ ପରିଣତ ହେବା ସହ ୧୨ ତାରିଖ ସକାଳ ସୁଦ୍ଧା ଆହୁରି ଅଧିକ ଦୁର୍ବଳ ହୋଇ ଅବପାତରେ ରୂପାନ୍ତରିତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

## କଂଗ୍ରେସକୁ ପୁଣି ଫେରିବ ଗୋଟିଏ ପରିବାର, ଗୋଟିଏ ଟିକେଟ ନିୟମ



ନୂଆଦିଲ୍ଲୀ,୧୦।୫: ବାରମ୍ବାର ନିର୍ବାଚ଼ନରେ ବିପର୍ଯ୍ୟୟ ଓ ପରିବାରବାଦ ରାଜନୀତିର ଅପବାଦରେ ଦହଗଞ୍ଜ ହେଉଥିବା କଂଗ୍ରେସ ଏବେ ନିଜ ଭାଗ୍ୟ ବଦଳାଇବା ପାଇଁ ପ୍ରୟାସ ଆରମ୍ଭ କରିଛି । ବିପର୍ଯ୍ୟୟାର ମୁକୁଳିବା ପାଇଁ ପୁଣିଥରେ କଂଗ୍ରେସକୁ ଫେରିବ ଗୋଟିଏ ପରିବାର, ଗୋଟିଏ ଟିକେଟ ଫର୍ମୁଲା ।ରାଜସ୍ଥାନର ଉଦୟପୁରରେ ଦଳ ପକ୍ଷରୁ ନିର୍ବାଚ଼ନ ବିପର୍ଯ୍ୟୟରୁ ମୁକୁଳିବା ପାଇଁ ଚ଼ିନ୍ତନ ଶିବିର ଆୟୋଜନ ହେବ। ଏହି ସମୟରେ ଗୋଟିଏ ପରିବାର, ଗୋଟିଏ ଟିକେଟ ନିୟମ ଉପରେ ଦଳୀୟ ନେତାମାନେ ମାନସମନ୍ଥନ କରିବେ ବୋଲି ବିଶେଷ ସୂତ୍ରରୁ ସୂଚ଼ନା ମିଳିଛି ।ମିଳିଥିବା ସୂଚ଼ନା ଅନୁଯାୟୀ, ଶୁକ୍ରବାରଠାରୁ ଉଦୟପୁରରେ ୩ ଦିନିଆ ଚ଼ିନ୍ତନ ଶିବିର ଆରମ୍ଭ ହେବ। ଏଥିରେ ସବୁ ରାଜ୍ୟର କଂଗ୍ରେସ ପ୍ରତିନିଧି ଓ ବରିଷ୍ଠ ନେତାମାନେ ଯୋଗଦେବେ। ପ୍ରାୟ ୪୦୦ ଜଣ କଂଗ୍ରେସ ନେତା ୩ ଦିନିଆ ଚ଼ିନ୍ତନ ଶିବିରରେ ଯୋଗଦେଇ ନିଜ ନିଜର ମତ ହାଇକମାଣ୍ଡଙ୍କ ଆଗରେ ଉପସ୍ଥାପନ କରିବେ। ଏହାପୂର୍ବରୁ ସୋମବାର ସୋନିଆ ଗାନ୍ଧିଙ୍କ ଅଧକ୍ଷତାରେ କଂଗ୍ରେସ ୱାର୍କିଂ କମିଟି(ସିଡବ୍ଲ୍ୟୁସି) ବୈଠକ ବସିଥିଲା। ଏହି ବୈଠକରେ ଗୋଟିଏ ପରିବାର, ଗୋଟିଏ ଟିକେଟ ନିୟମ ସମ୍ପର୍କରେ ଆଲୋଚ଼ନା ହୋଇଛି। ଚ଼ିନ୍ତନ ଶିବିରରେ ମଧ ଏହି ପ୍ରସଙ୍ଗ ଉଠିବ ବୋଲି ନିଷ୍ପତ୍ତି ନିଆଯାଇଛି ।ଯଦି ଚ଼ିନ୍ତନ ଶିବିର ଓ ରବିବାର ଅନୁଷ୍ଠିତ ହେବାକୁ ଥିବା ଆଉ ଗୋଟିଏ ସିଡବ୍ଲ୍ୟୁସି ବୈଠକରେ ଏହି ପ୍ରସ୍ତାବ ପାରିତ ହୁଏ, ତା'ହେଲେ ପରବର୍ତ୍ତୀ ସମୟରେ ଏହାକୁ ଲାଗୁ କରାଯିବ। କିନ୍ତୁ ଏହି ୱାନ ଫ୍ୟାମିଲି, ୱାନ ଟିକେଟ ଫର୍ମୁଲା ଗାନ୍ଧି ପରିବାର ପାଇଁ ଆଣି ଲାଗୁ ହେବନି। ଅର୍ଥାତ ଗାନ୍ଧି ପରିବାରରୁ ଏକାଧିକ ନେତା ନିର୍ବାଚ଼ନ ଲଢ଼ିବାକୁ ଟିକେଟ ପାଇପାଇବେ।

## ଜୁନ୍ ୧୭ ସୁଦ୍ଧା ଖୋଲିବ ଆଉ ୬୪ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର ,୧୦।୫(ପି.ଏନ): ରାଜ୍ୟରେ ଅଦ୍ୟାବଧି ୨୫୦ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ଥିବାବେଳେ ଅବଶିଷ୍ଟ ୬୪ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆସନ୍ତା ଜୁନ ମାସ ୧୭ ତାରିଖଠାରୁ କାର୍ଯ୍ୟକ୍ଷମ ହେବ। ଏହି ୬୪ ଗୋଟି ଆଦର୍ଶ ବିଦ୍ୟାଳୟରେ ଜୁନ୍ ୧୭ ଠାରୁ ୬ଷ୍ଠ ଶ୍ରେଣୀର ପାଠପଢା ଆରମ୍ଭ କରାଯିବ । ସେହିପରି ଏହି ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ନିମନ୍ତେ ଆବଶ୍ୟକ ଥିବା ୧୭୪୯ ଗୋଟି ପଦବୀ ପୂରଣ ପ୍ରକ୍ରିୟା ଆସନ୍ତା ଜୁନ୍ ମାସ ମଧ୍ୟରେ ଶେଷ ହେବବୋଲି ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚ଼ନା ଦେଇଛନ୍ତି ।ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ଲୋକସେବା ଭବନ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର କାର୍ଯ୍ୟ ସମୀକ୍ଷା କରିଥିଲେ। ବୈଠକରେ ସମସ୍ତ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୨୦୨୩ ମସିହା ନଭେମ୍ବର ମାସ ମଧ୍ୟରେ ସମାପନ କରାଯିବା ପାଇଁ ସ୍ଥିର କରାଯାଇଛି । ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହଷ୍ଟେଲ ନର୍ମାଣ କାର୍ଯ୍ୟ ୨୦୨୩ ମସିହା ନଭେମ୍ବର ମାସ ମଧ୍ୟରେ ସମାପନ କରାଯିବା ପାଇଁ ମଧ୍ୟ ସ୍ଥିରୀକୃତ ହୋଇଛି । ଏହି ସମୀକ୍ଷା ବୈଠକରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦୁର୍ବଳ ହେଉଛି ବାତ୍ୟା ଅସାନି

ଭୁବନେଶ୍ୱର,୧୦।୫(ପି.ଏନ): କ୍ରମଶଃ ଦୁର୍ବଳ ହେବାରେ ଲାଗିଛି ଭୀଷଣ ବାତ୍ୟା 'ଅସାନି' । ଆଇଏମ୍ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ଅସାନି ସମୁଦ୍ର ମଧ୍ୟରେ ସବୁଠାରୁ ତୀବ୍ର ସ୍ତର ଅତିକ୍ରମ କରିସାରିଛି। ଏହି ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ସେ ସୂଚନା ଦେଇଛନ୍ତି ।ସେ କହିଛନ୍ତି, ଆଜି ସନ୍ଧ୍ୟାରେ 'ଅସାନି' ଆନ୍ଧ୍ର ଉପକୂଳ ନିକଟବର୍ତ୍ତୀ ହୋଇ ଦିଗ ବଦଳାଇବ। ଏହା ସହ ଆସନ୍ତାକାଲିଠୁ ଓଡ଼ିଶା ଉପକୂଳ ସମାନ୍ତରାଳରେ ଗତି କରିବ। ଏହି ସମୟରେ ଓଡ଼ିଶା ଉପକୂଳ ସମୁଦ୍ରରେ ୪୦ରୁ ୬୦ କିମି ପବନ ବହିପାରେ। ଉପକୂଳ ଜିଲ୍ଲାମାନଙ୍କରେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଅପରପକ୍ଷରେ 'ଅସାନି' ପାଇଁ ଗୋପାଳପୁର ବନ୍ଦର ପାଇଁ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଥିବା ବେଳେ ପୁରୀ, ଚାନ୍ଦବାଲି/ଧାମରା ଏବଂ ପାରାଦ୍ୱୀପ ବନ୍ଦର ପାଇଁ ୨ନମ୍ବର ବିପଦ ସଂକେତ ଜାରି କରାଯାଇଛି ।ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚ଼ନା ଅନୁଯାୟୀ ବାତ୍ୟା 'ଅସାନି' ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ( ୭ ରୁ ୧୧ ସେମି ) ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୧ରୁ ୧୨ ତାରିଖ ମଧ୍ୟରେ ଗଂଜାମ , ଗଜପତି, ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ କୋରାପୁଟ, ରାୟଗଡା, ଖୋର୍ଦ୍ଧା, ଜଗତସିଂହପୁର ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ( ୭ ରୁ ୧୧ ସେମି ) ବର୍ଷା ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହିସବୁ ଜିଲ୍ଲାରଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରଛି ଆଂଚଳିକ ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ୧୨ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ନିମନ୍ତେ ମତ୍ସ୍ୟଜୀବୀଙ୍କ ଲାଗି କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ଏସଆରସି । କେହି ନିର୍ଦ୍ଦେଶ ଅମାନ୍ୟ କଲେ ବିପର୍ଯ୍ୟୟ ଆଇନରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବାରଣ ସତ୍ତ୍ୱେ କିଛି ମତ୍ସ୍ୟଜୀବୀ ସମୁଦ୍ରକୁ ଯାଉଥିବାରୁ ଏପରି ଚେତାବନୀ ଦେଇଛନ୍ତି ଏସଆରସି।

## ୫୦୫୬ ଜଣ ପାର୍ଟଟାଇମ୍ ଇନ୍ଷ୍ଟ୍ରକ୍ଟରଙ୍କ ମାସିକ ବେତନ ବଢ଼ିବ

ଭୁବନେଶ୍ୱର ,୧୦।୫(ପି.ଏନ): ଓଡ଼ିଶା ସମଗ୍ର ଶିକ୍ଷା ଅଧୀନରେ କାର୍ଯ୍ୟରତ ୫୦୫୬ ଜଣ ପାର୍ଟଟାଇମ୍ ଇନ୍ଷ୍ଟ୍ରକ୍ଟରଙ୍କ ମାସିକ ବେତନ ୫୫୫୫ ଟଙ୍କାରୁ ୭୦୦୦ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ସରକାର ନିଷ୍ପିତ ଗ୍ରହଣ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର ,୧୦।୫(ପି.ଏନ) : ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାରୁ ୪୩୪୮୯ ଛାତ୍ରଛାତ୍ରୀ କାହିଁକି ବଂଚିତ ହେଲେ ଏବଂ ଏହାର ସିଧାସଳଖ ଜବାବ୍ ରାଜ୍ୟ ସରକାର ରଖନ୍ତୁ ବୋଲି ବିଜେପି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି । ଛାତ୍ରଛାତୀଙ୍କ ଭବିଷ୍ୟତ ସହ ଖେଳିଥିବା ଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାର ବର୍ତ୍ତମାନ ନିଜ ଉପରୁ ଦୋଷ ଖସାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରୁଛନ୍ତି । ଶିକ୍ଷକମାନେ ସମ୍ପେଟିଭ ପରୀକ୍ଷା ନଦେବା ପରେ ଫର୍ମ ପୂରଣ କେମିତି କଲେ ଏହାର ସ୍ପଷ୍ଟୀକରଣ ରାଜ୍ୟ ସରକାର ଦିଅନ୍ତୁ ବୋଲି ବିଜେପି ଦାବୀ କରିଛି । ସେ କହିଛନ୍ତି ଯେ ଛାତ୍ରଛାତ୍ରୀ ପାଠପଢ଼ା ଛାଡି ଦାଦନ ଖଟୁଥିଲେ ମଧ ସ୍କୁଲରେ ସେମାନଙ୍କ ନାମ ଗଡୁଛି । ଛାତ୍ରଛାତ୍ରୀଙ୍କ ଅଜାଣତରେ ସେମାନଙ୍କ ନାଁରେ ମଧ ଫର୍ମପୂରଣ ହେଉଛି । ରାଜ୍ୟ ସରକାର ସ୍କୁଲରେ ପିଲାଙ୍କ ପାଇଁ ଅଧିକ ଯୋଜନା କରୁଥିବା ଡିଣ୍ଡିମ ପିଟି ଶିକ୍ଷାବ୍ୟବସ୍ଥାକୁ ଦୁର୍ବଳ କରିବାରେ କୌଣସି ପ୍ରଣାଳୀ ଛାଡୁନାହାନ୍ତି । ରାଜ୍ୟ ସରକାର ଏହି ଛାତ୍ରଛାତ୍ରୀଙ୍କ ପାଇଁ କୋଟିଏ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଲିଷ୍ଟ ଦେଖାଉଛନ୍ତି କିନ୍ତୁ ବାସ୍ତବରେ ପିଲା ସ୍କୁଲ ଯାଉନାହାନ୍ତି କି ସ୍କୁଲ ସହ ସେମାନଙ୍କର କୌଣସି ସମ୍ପର୍କରେ ନାହିଁ ବୋଲି ସ୍ପଷ୍ଟ ହେଉଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ରାଜ୍ୟ ସରକାର ଶିକ୍ଷାରେ ଦୁର୍ନୀତି କରିବାରେ ସିଦ୍ଧହସ୍ତ ହାସଲ କରିଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି । ଆଜି ଦେଶ 'ଆଜାଦୀ କି ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ ଓଡ଼ିଶାରେ ଶିକ୍ଷାର ଆଶାନୁରୂପ ବିକାଶ ହୋଇନାହିଁ । ଯେଉଁଠି ସ୍କୁଲ ଅଛି, ସେଠି ଶିକ୍ଷକ ନାହାନ୍ତି; ଯେଉଁଠି ଶିକ୍ଷକ ଅଛନ୍ତି, ସେଠି ପିଲା ନାହାନ୍ତି । ଆଉ କେଉଁଠି ଖୋଲା ଆକାଶତଳେ ନିଜର ଭବିଷ୍ୟତ ଗଢୁଛନ୍ତି କୋମଳମତୀ ଛାତ୍ରଛାତ୍ରୀ। ରାଜ୍ୟରେ ଶିକ୍ଷାର ସ୍ତମ୍ଭ ଭୁଷୁଡୁଥିବାବେଳେ 'ମୋ ସ୍କୁଲ', 'ହକି କ୍ଲବ' ଭଳି ନାନାଦି ଯୋଜନା କରି ଲୋକଙ୍କୁ ଭକୁଆ ବନଉଛନ୍ତି ରାଜ୍ୟ ସରକାର। ବିଦ୍ୟାଳୟ ରୁପାନ୍ତରିତ କେବଳ ପ୍ରହସନ ଏବଂ ଏହା ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ଏବଂ ଶାସକ ବିଜେଡି ମନ୍ତ୍ରୀ ଓ କର୍ମୀମାନେ କୋଟିପତି ସାଜିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ବି ଥମୁନି ହିଂସା: ବିକ୍ଷୋଭକାରୀଙ୍କୁ ଗୁଳି ମାରିବାକୁ ନିର୍ଦ୍ଦେଶ



କଲମ୍ବୋ,୧୦।୫: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କା ସ୍ଥିତି ହିଂସାକାଣ୍ଡ ଯୋଗୁ ଆହୁରି ବିଗିଡି ଯାଇଛି। ଦୁଇ ଦିନ ହେଲା ଦେଶରେ କେବଳ ହିଂସା, ମାରପିଟ ଓ ପୋଡାଜଳା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷଙ୍କ ଇସ୍ତଫା ସତ୍ତ୍ୱେ ହିଂସାକାଣ୍ଡ ଥମିବାର ନାଁ ଧରୁନି। ହିଂସାକାଣ୍ଡ ଓ ପୋଡାଜଳା ଯୋଗୁ ୮ ଜଣଙ୍କ ଜୀବନ ମଧ ଯାଇଛି ।ଦେଶରେ ବ?ୁଥିବା ହିଂସାକାଣ୍ଡ ପାଇଁ ବିକ୍ଷୋଭକାରୀମାନେ ମହିନ୍ଦା ରାଜପକ୍ଷଙ୍କୁ ଦାୟୀ କରିଛନ୍ତି। ଏଥିସହ ତାଙ୍କୁ ଗିରଫ ଦାବିରେ ଆଜି ଆହୁରି ପୋଡାଜଳା କରିଛନ୍ତି। ଜୀବନ ବିକଳରେ ମହିନ୍ଦା ରାଜପକ୍ଷ ପରିବାର ସଦସ୍ୟଙ୍କୁ ଧରି ଦେଶର ନୌସେନା ବେଶରେ ଆତ୍ମଗୋପନ କରିଛନ୍ତି। ଏପଟେ ହିଂସାକାଣ୍ଡ ବ?ୁଥିବାରୁ ଶ୍ରୀଲଙ୍କାର ପ୍ରତିରକ୍ଷା ମନ୍ତ୍ରୀ ସେନା ଓ ପୁଲିସ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଛନ୍ତି। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରୁଥିବା ବିକ୍ଷୋକାରୀଙ୍କୁ ଗୁଳି ମାଡ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଦଙ୍ଗାକାରୀଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ସେ ଆଶା କରିଛନ୍ତି ।ଶ୍ରୀଲଙ୍କାରେ ସୋମବାର ସକାଳୁ ହିଁ ହିଂସା ସୃଷ୍ଟି ହୋଇଥିଲା। ମହିନ୍ଦା ରାଜପକ୍ଷଙ୍କ ସମର୍ଥକମାନେ ଏପ୍ରିଲ ୯ରୁ ରାଷ୍ଟ୍ରପତିଙ୍କ ଅଫିସ ସାମ୍ନାରେ ବିକ୍ଷୋଭ କରୁଥିବା ଲୋକମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ଘଟିଥିଲା। ଏଥିସରେ ପ୍ରାୟ ୧୭୩ ଜଣ ବିକ୍ଷୋଭକାରୀ ଆହତ ହୋଇଥିଲେ। ସନ୍ଧ୍ୟା ସମୟରେ ସ୍ଥିତି ଆହୁରି ଉତ୍କଟ ହୋଇଥିଲା। ଆକ୍ରମଣର ଶିକାର ହୋଇଥିବାବିକ୍ଷୋଭକାରୀମାନେ ସନ୍ଧ୍ୟାରେ ଏକାଠି ହୋଇ ଏକାଧିକ ବସ୍ରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବାପା ମା'ଙ୍କ ଉଦ୍ଦେଶ୍ୟରେ ତିଆରି ହୋଇଥିବା ସ୍ମୃତିପୀଠକୁ ମଧ ଭାଙ୍ଗି ଦେଇଥିଲେ। ବିକ୍ଷୋଭକାରୀମାନେ ଦୁଇ ଜଣ ପୂର୍ବତନ ମନ୍ତ୍ରୀଙ୍କ ଘରେ ମଧ ନିଆଁ ଲଗାଇ ଦେଇଛନ୍ତି ।ମହିନ୍ଦା ରାଜପକ୍ଷଙ୍କ ପୈତୃକ ବାସଭବନକୁ ବୋମା ମାଡ କରିବା ସହ ସେଠାରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ହିଂସାକାଣ୍ଡ ଯୋଗୁ ଗତକାଲି ଜଣେ ସାଂସଦଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା ।ଆଜି ସକାଳୁ ହିଂସକାଣ୍ଡ ତୀବ୍ର ରୂପ ଧାରଣ କରିଥିଲା। ରାଜପକ୍ଷଙ୍କ ଗୋଷ୍ଠୀ ଓ ବିରୋଧୀ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପୋଡାଜଳା ଓ ଭଙ୍ଗାରୁଜା କରିଥିଲେ। ଏଥିଯୋଗୁ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ବିକ୍ଷୋଭକାରୀମାନେ ଶତାଧିକ ବସ୍? ପୋଡି ଦେବା ସହ ଦୋକାନ ବଜାରରେ ଲୁଟପାଟ କରିଛନ୍ତି। ସ୍ଥିତି ବିଗୁଡୁ ଥିବାରୁ ପୂରା ଦେଶରେ କର୍ଫ୍ୟୁ ଲାଗୁ କରାଯାଇଛି। ସେହିପରି ରାଜଧାନୀ କଲମ୍ବୋରେ ସେନା ମୁତୟନ ହୋଇଛନ୍ତି।

## ରାଜ୍ୟସରକାରଙ୍କ ଅହଂକାର ଓ କଳାପାହାଡ ମନୋଭାବ କାରଣରୁ ଶ୍ରୀମନ୍ଦିର ଆଜି ଅସୁରକ୍ଷିତ: ସମ୍ବିତ୍ ପାତ୍ର

ନୂଆଦିଲ୍ଲୀ /ଭୁବନେଶ୍ୱର, ୧୦।୫(ପି.ଏନ): ଶ୍ରୀମନ୍ଦିର କରିଡର ନିର୍ମାଣ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର । ସେ କହିଛନ୍ତି ଯେ ଓଡିଶାର ଐତିହ୍ୟକୁ ଧ୍ୱଂସ କରିବାରେ ଲାଗିଛନ୍ତି ରାଜ୍ୟ ସରକାର ଓ ଏଭଳି ଅକ୍ଷମଣୀୟ ଅପରାଧ ପାଇଁ ଭବିଷ୍ୟତ ପିଢ଼ୀ କେବେହେଲେ କ୍ଷମା କରିବେ ନାହିଁ। ନିର୍ମାଣଧିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପ୍ରସଙ୍ଗରେ ଗତ କାଲି ଓଡିଶା ହାଇକୋର୍ଟରେ ଏଏସଆଇ ତରଫରୁ ଦାଖଲ ହୋଇଥିବା ରିପୋର୍ଟ ଦେଖିବା ପରେ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ଧୈର୍ଯ୍ୟ ବିଚ୍ୟୁତି ହୋଇଛି ଏବଂ ଆଜିର ଦିନ ଆମ ସମସ୍ତଙ୍କ ପାଇଁ ଏକ କଳାଦିବସ ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି ।ପ୍ରକଳ୍ପ ଡିପିଆରକୁ ଚଂଚକତା କରାଯିବା ସହିତ ବାରମ୍ବାର କାହିଁକି ଓ କାହା ସ୍ୱାର୍ଥରେ ପରିବର୍ତ୍ତନ କରାଯାଉଥିଲା ? ଅଧିକୃତ ଏନଏମଏ ବା ଏଏସଆଇର ବିନା ଅନୁମତିରେ ରାଜ୍ୟ ସରକାର କେଉଁ ଆଧାରରେ ପ୍ରକଳ୍ପ କାର୍ଯ୍ୟକୁ ଆରମ୍ଭ କରିଥିଲେ ? ନିର୍ମାଣ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ବେଆଇନ ନୁହେଁ କି ? ଖନନ ସମୟରେ ହୋଇଥିବା ପୁରାତନ ଐତିହ୍ୟ ଅବଶେଷକୁ ଧ୍ୱଂସ କରି ରାଜ୍ୟ ସରକାର ଜଗନ୍ନାଥପ୍ରେମୀଙ୍କ ପ୍ରତି ଅନ୍ୟାୟ ଓ ବିଶ୍ୱାସଘାତକତା କରିଛନ୍ତି । ଅତୀତରେ କଳାପାହାଡ ଯେପରି ଆମର ଐତିହ୍ୟ ଅବଶେଷକୁ ଧ୍ୱଂସ କରିବାର ପ୍ରୟାସ କରିଥିଲେ ଆଜି ରାଜ୍ୟ ସରକାର ପୁଣି ଥରେ ସେହିପରି ଓଡିଆ ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତିକୁ ଧ୍ୱଂସ କରୁଛନ୍ତି। ରାଜ୍ୟସରକାରଙ୍କ ଜିଦଖୋର, ଅହଂକାର ଓ କଳାପାହାଡ ମନୋଭାବ କାରଣରୁ ଶ୍ରୀମନ୍ଦିର ଆଜି ଅସୁରକ୍ଷିତ ହୋଇପଡିଛି। ବିନା ଅନୁମତିରେ ପ୍ରକଳ୍ପ କାର୍ଯ୍ୟ ଚଳାଉଥିବା ରାଜ୍ୟ ସରକାର ନିଜ ଭୁଲକୁ ସ୍ୱୀକାର କରି ଅବିଳମ୍ବେ ରାଜ୍ୟବାସୀଙ୍କୁ କ୍ଷମାପ୍ରାର୍ଥନା କରିବାକୁ ଡ.ପାତ୍ର ଦାବୀ କରିଛନ୍ତି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ସନ୍ଦେହରେ ଥିବା ରାଜ୍ୟ ସରକାର ବାରମ୍ବାର ଏବଂ ମନଇଚ୍ଛା ଡିପିଆର୍ ବଦଳାଇଛନ୍ତି। ଶ୍ରୀମନ୍ଦିରର ୧୦୦ମିଟର ପରିଧି ସଂପୂର୍ଣ୍ଣ ନିଷିଦ୍ଧାଂଚଳ ଓ ଏହି ସୀମା ଭିତରେ ନିର୍ମାଣ ବା ଭଙ୍ଗାରୁଜା ହୋଇପାରିବନାହିଁ। ସେହିପରି ୨୦୦ମିଟର ପରିଧି ରେଗୁଲେଟେଡ୍ ଏରିଆରେ ଏନଏମଏ ଆଇନ ଏବଂ ଏଏସଆଇର ଅନୁମତି ବଳରେ ନିର୍ମାଣ କରିହେବ ବୋଲି ସ୍ପଷ୍ଟ ଆଇନ ଅଛି। ନିର୍ମାଣଧିନ ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ସ୍ଥାନାନ୍ତର କରାଯାଇଛି ବୋଲି ରାଜ୍ୟ ସରକାର ଗତ କାଲି ହାଇକୋର୍ଟକୁ ଜଣାଇଛନ୍ତି। ରାଜ୍ୟ ସରକାର ଜାଣିଶୁଣି ସମସ୍ତ ଆଇନକୁ ଅମାନ୍ୟ କରି ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରେ ନିର୍ମାଣ କରୁଥିଲେ, ଯାହାକି ସଂପୂର୍ଣ୍ଣ ଆଇନବିରୋଧୀ । ବହୁ ପୁରାତନ ଐତିହ୍ୟ ଅବଶେଷର ସଂରକ୍ଷଣ ପରିବର୍ତ୍ତେ ଏଭଳି ବେଆଇନ ଖନନ ଦ୍ୱାରା ପୁରାତନ କିର୍ତୀରାଜିର ଧ୍ୱଂସ ହୋଇଛି । ଏଥିପାଇଁ ରାଜ୍ୟ ସରକାର ଦାୟୀ ବୋଲି ଡ.ପାତ୍ର କହିଛନ୍ତି ।ମହାପ୍ରଭୁ ଶ୍ରୀଜଗନ୍ନାଥ ଅଛନ୍ତି ତ ଓଡିଆ ଜାତି ଅଛି । ଭାରତୀୟ ଜନତା ପାର୍ଟି ବିକାଶ କାର୍ଯ୍ୟକୁ କେବେହେଲେ ବିରୋଧ କରିନାହିଁ କି କରିବ ନାହିଁ। କିନ୍ତୁ ଲୋକଙ୍କୁ ବିଭ୍ରାନ୍ତ କରି, ଷଡଯନ୍ତ୍ର ରଚି, ବିଶ୍ୱାସଘାତ କରି ଏବଂ ଓଡିଆଙ୍କ ଭାବାବେଗକୁ ଅଣଦେଖା କରି ହେଉଥିବା ବିକାଶ କାର୍ଯ୍ୟକୁ ବିଜେପି ସର୍ବଦା ବିରୋଧ କରିଛି ଓ କରିବ । ପୁରୀ ସାଂସଦ ତଥା ଆଇନଜୀବି ଶ୍ରୀ ପିନାକୀ ମିଶ୍ର ସଂସଦରେ ମାତ୍ର ୪ଟି ଶୌଚାଳୟର ନିର୍ମାଣ ହେଉଥିବାର ମିଛ କହି ଅକ୍ଷମଣୀୟ ଅପରାଧ କରିଛନ୍ତି । ପବିତ୍ର ସଂସଦରେ ମିଛ କହିଥିବା ସାଂସଦ ଶ୍ରୀ ମିଶ୍ର ସମସ୍ତଙ୍କୁ ନିସର୍ତ୍ତଃ କ୍ଷମା ପ୍ରାର୍ଥନା କରିବାକୁ ଡ.ପାତ୍ର ଦାବୀ କରିଛନ୍ତି ।

## ଭୁବନେଶ୍ୱରରେ ଖୋଲିଲା ସେନ୍ସୋରି ପାର୍କ

ଭୁବନେଶ୍ୱର ,୧୦।୫(ପି.ଏନ): ଭୁବନେଶ୍ୱରରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସରକାରଙ୍କ ଏକ ଅଭିନବ ପ୍ରୟାସ ଏବଂ ଏଥିରେ ଭିନ୍ନକ୍ଷମ ଶିଶୁମାନଙ୍କ ଶାରୀରିକ, ମାନସିକ ତଥା ସୃଜନଶୀଳ ଅଭିବୃଦ୍ଧି ପାଇଁ ବିଭିନ୍ନ ସୁବିଧା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ପୂର୍ବାହ୍ନରେ ଶହୀଦନଗରରେ ସେନ୍ସୋରି ପାର୍କ ଉଦ୍ଘାଟନ କରି ବା ଅବସରରେ କହିଛନ୍ତି। ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଏପରି ଉଦ୍ୟମ ଫଳରେ ଭିନ୍ନକ୍ଷମମାନଙ୍କ ସାମାଜିକ ମହାସ୍ରୋତରେ ସଂପୃକ୍ତି ସଶକ୍ତ ହୋଇପାରିବ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଅଧୀନରେ ୧୩୬୮ ବର୍ଗମିଟର ପରିମିତ ଅଂଚଳରେ ୦.୯୯ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି । ଏଥିରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ବିଭିନ୍ନ ସୁବିଧା ରହିଛି । ପାଥୱେ, ପାନୀୟ ଜଳ ଟ୍ୟାପ୍, ସ୍ୱତନ୍ତ୍ର ଆବଶ୍ୟକତା ରହିଥିବା ପିଲାମାନଙ୍କ ପାଇଁ ବିଭିନ୍ନ ଖେଳସାମଗ୍ରୀ ସୁବିଧା ଥିବା ଏହି ପାର୍କକୁ ଆସି ଭିନ୍ନକ୍ଷମ ଶିଶୁମାନେ ସେମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧିର ସୁଯୋଗ ପାଇପାରିବେ । ଦେଶରେ ଏପରି ପାର୍କ ନିର୍ମାଣ ପ୍ରଥମ ବୋଲି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ କୁହାଯାଇଛି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ।ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗଳିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି






ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ପରଲୋକରେ ବାଗ୍ମୀ ପୁରୁଷ ସାରସ୍ୱତ ସାଧକ ପଦ୍ମଶ୍ରୀ ରଜତ କର





ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବୀଣ ବକ୍ତା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମଉଡ଼ମଣି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭଞ୍ଜ ସାହିତ୍ୟର ବ୍ୟାଖ୍ୟାକାର ଶିକ୍ଷାବିତ ନାଟ୍ୟକାର ପଦ୍ମଶ୍ରୀ ରଜତ କର ଆଉ ନାହାଁନ୍ତି । ସେ ଥିଲେ ଓଡ଼ିଆ ସାରସ୍ୱତ ଜଗତର ଉଜ୍ଜ୍ୱଳ ତାରକା । ଆଜୀବନ ଭଞ୍ଜ ସାହିତ୍ୟ, ଉତ୍କଳ ମାଟି ଓ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରଚାରକ । ଲକ୍ଷ ଲକ୍ଷ ପ୍ରଶଂସକ, ଗୁଣମୁଗ୍ଧ ଶ୍ରୋତା ତଥା ଅସୁମାରୀ ବାଣୀ ଭଣ୍ଡାରକୁ ଛାଡ଼ି ସେ ଆରପାରିର ଯାତ୍ରୀ ହୋଇଯାଇଛନ୍ତି । ଶବ୍ଦକୁ ଶବ୍ଦ ଯୋଡ଼ି କାଳଜୟୀ ସାହିତ୍ୟ ସୃଷ୍ଟି କରିଥିବା ହାତ ଆଜି ଅଟକି ଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତି ଚର୍ଚ୍ଚା ସମୟରେ ତାଙ୍କ ଉଦ୍ଧୃତି ଗବେଷଣା କରନ୍ତି ଗବେଷକ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ରେଡ଼ିଓରେ ତାଙ୍କର ପ୍ରତ୍ୟକ୍ଷ ଧାରାବିବରଣୀ ଶୁଣିବାକୁ ଅପେକ୍ଷା କରି ରହିଥାନ୍ତି ଅଗଣିତ ଶ୍ରୋତା । ଏହି ବିଶିଷ୍ଟ ଆଧ୍ୟାତ୍ମିକ ସାଧକ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ବେଶ କର୍ମବ୍ୟସ୍ତ ଓ ଚଳଚଞ୍ଚଳ ଥିଲେ । ସେ ଦିନ କଟକରେ ଭଞ୍ଜ ଜୟନ୍ତୀ ପାଇଁ ବୈଠକରେ ସାମିଲ ହୋଇଥିଲେ ଏବଂ ସଂଧ୍ୟାରେ ପୁନର୍ବାର କଟକ ଫେରିବା ପାଇଁ ମଧ୍ୟ କଥା ଦେଇଥିଲେ କିନ୍ତୁ ସେ ଆଉ ଫେରିଲେ ନାହିଁ । ଅଫେରା ରାଇଜକୁ ସେ ଫେରିଗଲେ । ୧୯୩୪ମସିହା ଅକ୍ଟୋବର ୨ରେ ତାଙ୍କ ପୈତୃକ ଘର କଟକ ଜିଲ୍ଲାର ମାହାଙ୍ଗା ହୋଇଥିଲାବେଳେ ସେ କାଳିଗଳି ନିକଟସ୍ଥ ମେହେନ୍ଦିପୁରରେ ଜନ୍ମ ହୋଇଥିଲେ । ତାଙ୍କ ବାପା ଥିଲେ କୁଳମଣି କର ଓ ମାତା ଇନ୍ଦୁମତି କର । ସେ ମାଟ୍ରିକ ପାସ ବେଳେ ପ୍ରଧାନଶିକ୍ଷକ ଭଦ୍ର ଚରଣ ନାୟକଙ୍କ ବନ୍ଧୁ । ଭଞ୍ଜ ସାହିତ୍ୟର ପ୍ରବକ୍ତା ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଅର୍ଥନୀତିରେ ସ୍ନାତୋକତ୍ତୋର ସମାପ୍ତ କରିବା ସହ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନ ପ୍ଲାନିଂ ଆଣ୍ଡ ଆଡମିନଷ୍ଟ୍ରେସନ, ନୂଆଦିଲ୍ଲୀରୁ ଉଚ୍ଚ ଶିକ୍ଷା ପାଇଥିଲେ । ଜଣେ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରି ସେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ ।

୧୬୮୦ ଖ୍ରୀଷ୍ଟାବ୍ଦର ଜନ୍ମିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ପ୍ରଚାର ପ୍ରସାର କରିବାରେ ପଦ୍ମଶ୍ରୀ ରଜତ କର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ଚର୍ଚ୍ଚିତ ‘ବୈଦେହୀଶ ବିଳାସ’, ‘ଲାବଣ୍ୟବତୀ’ ଓ ‘କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ’ ଭଳି ପ୍ରସିଦ୍ଧ କାବ୍ୟ ଓ ଅନ୍ୟାନ୍ୟ ସୃଷ୍ଟିକୁ ଉତ୍ତରପିଢ଼ିଙ୍କ ପାଖରେ ପହଞ୍ଚାଇବାକୁ ଅହରହ ଉଦ୍ୟମ କରୁଥିଲେ । କ୍ଷେତ୍ରବୁଲିକି ମା’ଜନ୍ମ ଦେଇଥିଲେ ବୋଲି ବାପା ନାଁ ରଖିଥିଲେ କ୍ଷେତ୍ରମଣି । କାରଣ ଡ.କରଙ୍କ ପୂର୍ବରୁ ଜନ୍ମ ହେଲା ମାତ୍ରେ ତିନିଜଣ ମରିଯାଇଥିଲେ । ଶେଷରେ ମା’ ମରିଚିକୁଣ୍ଡରେ ଗାଧୋଇ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ସନ୍ତାନ, ସନ୍ତତି ପ୍ରାପ୍ତ ଆଶାରେ ଯାଇଥିଲେ । କିନ୍ତୁ ସକାଳ ହୋଇଗଲା ଅଧା ଗାଧୁଆରେ ମହାପ୍ରଭୁଙ୍କ ଦର୍ଶନ ନକରି ମା’ କାନ୍ଦି କାନ୍ଦି ଫେରୁଥିଲେ । ତାଙ୍କୁ ଗୋଡ଼େଇ ଗୋଡ଼େଇ ଜଣେ ବ୍ରାହ୍ମଣ ଆସି କହିଲେ ମା’ଚାରଣୀ ପଇସା ଦେଇଯାଆ ଦେଖିବ ତୁମର କେମିତି ପିଲା ହେବ । ଠିକ ବର୍ଷେ ପୂର୍ବରୁ ଡ.କର ମା’ଙ୍କ ଗର୍ଭରେ ରହିଥିଲେ । ଏହାପରେ ଆହୁରି ତିନି ଭାଇ ଭଉଣୀ ଜନ୍ମ ହେଲେ । ସ୍ୱପ୍ନରେ ଡ. କରଙ୍କ ବାପାଙ୍କୁ ତାଙ୍କ ଦଦେଇ ଆସି କହିଲେ ତୁ ବହୁତ କ୍ଷେତ୍ର ବୁଲି ୟାକୁ ପାଇଛୁ ତେଣୁ ତା’ ନାଁ କ୍ଷେତ୍ରମଣି ଦେ । କିନ୍ତୁ ପରେ ସ୍କୁଲରେ ପିଲା କ୍ଷେତରା କହି ତାଙ୍କୁ ଚିଡ଼ାଇଥିଲେ । ସେଥିପାଇଁ କଲିଜିଏଟ ସ୍କୁଲରେ ଅଷ୍ଟମରେ ପଢ଼ିଲା ସମୟରେ ବାପା ଆଫିଡେଫିଟ କରି ନାଁ ଦେଲେ ରଜତ । ଆଉ ଏହି ନାଁ ଜଣେ ବଙ୍ଗୀୟ ମହିଳା ଦେଇଥିଲେ । କାରଣ ଏ ନାଁ ବଙ୍ଗଳାରେ ବହୁ ପ୍ରସିଦ୍ଧ ଥିଲା । ବିଶ୍ୱନାଥ କରଙ୍କ ବୋହୂ ଏହି ନାଁ ଦେଇଥିଲେ । କିନ୍ତୁ ଡ.କର କୁହନ୍ତି ଶ୍ରୀଲିଙ୍ଗରାଜଙ୍କ ଦୟାରୁ ଜନ୍ମ ବୋଲି ମା’କୁହନ୍ତି ତୁ ଶ୍ରୀଲିଙ୍ଗରାଜଙ୍କ ପୁଅ । ଆଉ ସେ ହିଁ ମୋତେ ଆଧ୍ୟାତ୍ମିକତା ରାସ୍ତାରେ ଯିବାର ମାର୍ଗ ଦେଖାଇଥିଲେ ।

୨୦୨୧ରେ ପଦ୍ମଶ୍ରୀ ପାଇଁ ରଜତ କରଙ୍କ ନାମ ଘୋଷଣା ହେବା ପରେ ସେ ଗଣମାଧ୍ୟମକୁ କହିଥିଲେ ‘ଶତାଅଶୀ ବର୍ଷ ବୟସ ହେଲାଣି ଜଗନ୍ନାଥଙ୍କ କୃପାରୁ ମୁଁ ଆଜି ବାଦୀ ପାଲା ଆୟୋଜନ କରିପାରୁଛି । ଏହା ମୋର କୃତୀତ୍ୱ ନୁହେଁ ମହାପ୍ରଭୁଙ୍କ କରୁଣା । ୧୯୫୯ରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥଯାତ୍ରାର ରର୍ଣ୍ଣିଂ କମେଟ୍ରି କରିଆସୁଛି । ଏହା ହେଉଛି ମହାପ୍ରଭୁଙ୍କ ମୋ ପ୍ରତି ଅପାର କୃପା ଓ ଓଡ଼ିଶା ବାସୀଙ୍କ ସ୍ନେହଶ୍ରଦ୍ଧା’ । ତାଙ୍କ ସାହିତ୍ୟ ସର୍ଜନା ଗୁଡ଼ିକ ହେଉଛି ‘ଜନ ଜୀବନରେ ଜଗନ୍ନାଥ’, ‘ଅନନ୍ୟ ଜଗନ୍ନାଥ ଅନୁଭୂତିରେ’, ‘ଅନ୍ଧପୁତୁଳି’, ‘ଚନ୍ଦନ ହଜୁରୀ’, ‘ଜଣାଣ ଜଣାଉଛି ଜଗନ୍ନାଥଙ୍କୁ’, ‘ବାଇଶି ପାବଚ୍ଛ’, ‘ବୀର ଚାଖିଖୁଣ୍ଟିଆ’, ‘ଜନ ମାନସରେ ଭଞ୍ଜ’, ‘ସୁରେନ୍ଦ୍ର ସାଏ’, ‘କବି ସମ୍ରାଟ’, ‘ମକର କହୁଛି ହଜୁରେ’, ‘ଶଳିତା’, ‘କୃତୀ-ସ୍ମୃତି ଓ ସଂସ୍କୃତି’, ‘ଭାରତ ଦୀପ୍ତୀ’ ପ୍ରମୁଖ । ବୃତ୍ତିଗତ ଜୀବନ ଅପେକ୍ଷା ତାଙ୍କର ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଥିଲା ତାଙ୍କର ପ୍ରଗାଢ଼ ଅନୁରକ୍ତି । ଜଣେ ଅର୍ଥନୀତି ଛାତ୍ର ହୋଇ ମଧ୍ୟ ଓଡ଼ିଆ ଜାତିକୁ ଭଲ ପାଇ ସାହିତ୍ୟାନୁରାଗୀ ହୋଇଥିଲେ । ୧୯୫୦ ମସିହାରୁ ଭଞ୍ଜ ଜୟନ୍ତୀ ପାଳନ କରି ରାଜ୍ୟ ତଥା ରାଜ୍ୟ ବାହାରେ ଭଞ୍ଜ ସାହିତ୍ୟକୁ ଜନମାନସରେ ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ନିଜ ଅନନ୍ୟ ବାଗ୍ମୀତା, ପାଣ୍ଡିତ୍ୟ ଓ ସୃଜନକୃତୀ ପାଇଁ ଚିରସ୍ମରଣୀୟ ହୋଇ ରହିବେ । ଓଡ଼ିଆ ସଂସ୍କୃତି, ପରମ୍ପରା ଓ ବିଶେଷକରି ଜଗନ୍ନାଥ ସଂସ୍କୃତିର ସେ ଥିଲେ ଜଣେ ମହାନ ପ୍ରଚାରକ । ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସାଧନା ପାଇଁ ସେ ଓଡ଼ିଆ ପାଠକଙ୍କ ନିକଟରେ ଯଶସ୍ୱୀ ହୋଇପାରିଥିଲେ । ସେ ୧୯୯୪ରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିବାବେଳେ ୨୦୧୭ରେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ବର୍ଦ୍ଧନା ପାଇଥିଲେ ଓ ୨୦୨୧ରେ କେନ୍ଦ୍ର ସରକାରଙ୍କ ପଦ୍ମଶ୍ରୀ ସମ୍ମାନ ପାଇଥିଲେ । ସେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ମଣିଷ ତିଆରି କାରଖାନା ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଜଣେ ଅନ୍ୟତମ ପ୍ରେରଣାଦାତା ଓ ଶୁଭେଚ୍ଛୁ ଥିଲେ । ଏହି ଲେଖିକା ତାଙ୍କୁ ଅନେକଥର ସାକ୍ଷାତକରି ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ଗ୍ରହଣ କରିଛନ୍ତି । ତାଙ୍କ ଆଜୀବନ ସାଧନା ତାଙ୍କୁ ଓଡ଼ିଶାବାସୀଙ୍କ ନିକଟରେ ଅମର ରଖିବ ।

**ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ସୀତା ନବମୀ ଓ ଭାରତୀୟ ସଂସ୍କୃତିରେ ସୀତାଙ୍କ ସ୍ଥାନ





ବୈଶାଖ ମାସ ଶୁକ୍ଳପକ୍ଷ ନବମୀକୁ ସୀତା ନବମୀ କୁହାଯାଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ମାତା ସୀତା ପ୍ରକଟ ହୋଇଥିଲେ । ଏହି ପର୍ବକୁ ଜାନକୀ ନବମୀ ମଧ୍ୟ କୁହାଯାଇଥାଏ । ଶାସ୍ତ୍ରାନୁଯାୟୀ ବୈଶାଖ ମାସ ଶୁକ୍ଳପକ୍ଷ ନବମୀ ଦିନ ପୁଷ୍ୟ ନକ୍ଷତ୍ରରେ ରାଜା ଜନକ ସନ୍ତାନ ପ୍ରାପ୍ତି କାମନା କରି ଯଜ୍ଞଭୂମି ପ୍ରସ୍ତୁତ କରୁଥିଲେ । ଭୂମିରେ ହଳ ଚଳାଇବା ସମୟରେ ଭୂତଳରୁ ଏକ ବାଳିକା ପ୍ରକଟ ହେଲେ । ଜୋଚା ଯାଇଥିବା ହଳଲଙ୍ଗଳରେ ଲାଗିଥିବା ଲୁହାର ମୁନିଆ ଅଂଶକୁ ସୀତା କୁହାଯାଇଥାଏ । ସେଥିପାଇଁ ବାଳିକାଙ୍କ ନାମ ସୀତା ରଖାଗଲା । ଏହି ଦିନ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନେ ବ୍ରତ ରଖି ମାତା ସୀତାଙ୍କ ପୂଜା କରିଥାନ୍ତି । ଏହି ଦିନ ବ୍ରତ ରଖି ଭଗବାନ ଶ୍ରୀରାମଙ୍କ ସହ ମାତା ସୀତାଙ୍କ ବିଧିବିଧାନ ଅନୁଯାୟୀ ପୂଜା କରୁଥିବା ଭକ୍ତକୁ ଭୂମିଦାନ, ଷୋହଳ ମହାଦାନ ଏବଂ ସମସ୍ତ ତୀର୍ଥ ଦର୍ଶନର ପୂଣ୍ୟ ପ୍ରାପ୍ତି ହୋଇଥାଏ ।

ଶ୍ରୀରାମଙ୍କ ଜୀବନସଙ୍ଗିନୀ ମାତା ସୀତାଙ୍କ ବିଷୟରେ ରାମାୟଣରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି । ଦେବୀ ସୀତା ମିଥିଳାର ରାଜା ଜନକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ । ତାଙ୍କର ବିବାହ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କ ସହିତ ହୋଇଥିଲା । କୁହାଯାଏ ଯେ ସ୍ୱୟଂବରରେ ଦେବୀ ସୀତା ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କୁ ବରଣ କରିଥିଲେ । ଜଣେ ଆଦର୍ଶ ନାରୀ ଏବଂ ପତିବ୍ରତା ଧର୍ମ କାରଣରୁ ସେ ଜଗତରେ ସମ୍ମାନ ପାଇଥିଲେ । ତ୍ରେତାଯୁଗରେ ତାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ । ରାମାୟଣରେ ବର୍ଣ୍ଣନା ରହିଛି ଯେ ଥରେ ମିଥିଳାର ରାଜା ଜନକ କ୍ଷେତରେ ହଳ ଚଳାଉଥିଲେ ଏହି ସମୟରେ ତାଙ୍କ ଲଙ୍ଗଳର ମୁନ କେଉଁଠି ଏକ ସ୍ଥାନରେ ଅଟକି ଗଲା । ଲଙ୍ଗଳର ମୁନିଆ ଭାଗକୁ ମୈଥିଳୀ ଭାଷାରେ ସୀତ କୁହାଯାଏ । ଏହି କାରଣରୁ ଜନକ ନିଜର ପୁତ୍ରୀର ନାମ ସୀତା ରଖିଥିଲେ । ରାଜା ଜନକ ଏବଂ ରାଣୀ ସୁନୟନାଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ । ଦେବୀ ସୀତା ଭୂଦେବୀଙ୍କ କନ୍ୟା ବୋଲି ମଧ୍ୟ ରାମାୟଣରେ ଉଲ୍ଲେଖ ରହିଛି । ଜନକଙ୍କ କନ୍ୟା ହୋଇଥିବାରୁ ସେ ଜାନକୀ, ଜାନକାତ୍ମଜା ତଥା ଜନକସୁତା ନାମରେ ପରିଚିତା । ମିଥିଳାର ରାଜକୁମାରୀ ହୋଇଥିବାରୁ ତାଙ୍କୁ ମୈଥିଳୀ ମଧ୍ୟ କୁହାଯାଏ । ଦେବୀ ସୀତା ବିଦେହ ନରେଶଙ୍କ କନ୍ୟା ହୋଇଥିବାରୁ ବୈଦେହୀ ନାମରେ ମଧ୍ୟ ପୂଜା ପାଇଥାନ୍ତି । ଭୂମିରୁ ପ୍ରାପ୍ତ ହୋଇଥିବା କାରଣରୁ ସେ ଭୂମିପୁତ୍ରୀ ବା ଭୂସୂତା ନାମରେ ମଧ୍ୟ ପରିଚିତ ଥିଲେ ।

ମାତା ସୀତାଙ୍କୁ ଦେବୀଙ୍କ ରୂପରେ ଭାରତରେ ପୂଜା କରାଯାଇଥାଏ । ସେ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । ମହାକାବ୍ୟ ରାମାୟଣରେ ପ୍ରଭୁ ଶ୍ରୀରାମଙ୍କୁ ଯେତିକି ଗୁରୁତ୍ୱ ଦିଆଯାଇଛି ମାତା ସୀତାଙ୍କର ମଧ୍ୟ ସେତିକି ଗୁରୁତ୍ୱ ରହିଛି । ରାମାୟଣରେ ପ୍ରାୟତଃ ପ୍ରଭୁ ଶ୍ରୀରାମଙ୍କ ଜୀବନ କାହାଣୀ ଏବଂ କାର୍ଯ୍ୟର ବର୍ଣ୍ଣନା କରାଯାଇଛି । ତେବେ କେତେକ ସ୍ଥାନରେ ଦେବୀ ସୀତାଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି । ସୀତା ମାତା ତାଙ୍କର ପତିବ୍ରତ, ଦୃଢ଼ ସଂକଳ୍ପ, ସାହସିକତା, ସମର୍ପଣ, ଉଦାରତା, ଜ୍ଞାନ ପାଇଁ ପରିଚିତ ଥିଲେ । ଜୀବନରେ ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ତାଙ୍କର ମନୋବଳ ଅତ୍ୟନ୍ତ ସୁଦୃଢ଼ ଥିଲା । ରାମାୟଣରେ ମାତା ସୀତାଙ୍କ ବିଷୟରେ ଯେଉଁ କେତେକ ସ୍ଥାନରେ ବର୍ଣ୍ଣନା ରହିଛି ସେଥିରୁ ମାତାଙ୍କର ଜ୍ଞାନ, ବୁଦ୍ଧି ଏବଂ ବିବେକର ପରିଚୟ ମିଳିଥାଏ । ବନବାସ କାଳରେ ଶ୍ରୀରାମ ଅନେକ ଅସୁରମାନଙ୍କର ବିନାଶ କରିଥିବା ମାତା ସୀତା ଦେଖିଲେ । ଶ୍ରୀରାମଙ୍କ ଦ୍ୱାରା କୌଣସି ନିରୀହ ପ୍ରାଣୀ ଯେପରି ମୃତ୍ୟୁବରଣ ନକରେ ସେଥିପାଇଁ ମାତା ଚିନ୍ତା ପ୍ରକଟ କରିଥିଲେ । ଶ୍ରୀରାମ ଏହି ସମୟରେ ତାଙ୍କୁ ବଚନ ଦେଇଥିଲେ ଯେ ଅକାରଣରେ ଏବଂ ବିନା ଆହ୍ୱାନରେ ସେ କେବେହେଲେ କାହାରିକୁ ମାରିବେ ନାହିଁ । ରାବଣ ଯେତେବେଳେ ଭିକ୍ଷୁ ବେଶରେ ମାତା ସୀତାଙ୍କୁ ଅପହରଣ କରିବାକୁ ଆସିଲା, ମାତା ସୀତା ତାର ଏପରି ବେଶ ଦେଖି ଠଉରାଇ ନେଲେ । ସେ ରାବଣକୁ କହିଥିଲେ, ତୁମେ ତ ଭୀକ୍ଷୁକଙ୍କ ଭଳି ଦେଖା ଯାଉନାହିଁ । ଅର୍ଥାତ୍ ମାତାଙ୍କର ରାବଣର ପରିଚୟ ପ୍ରତି ସନ୍ଦେହ ଉତ୍ପନ୍ନ ହୋଇସାରିଥିଲା । ଏହାସତ୍ତ୍ୱେ ସେ ଅବତାର ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯାଇ ଭିକ୍ଷା ଦେଇଥିଲେ । ତାଙ୍କର ଅପହରଣ ହେବା ସହିତ ରାବଣର ବିନାଶ ଲାଗି ମାର୍ଗପ୍ରଶସ୍ତ ହୋଇଥିଲା । ହନୁମାନ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଲେ ସେ ସଙ୍ଗେ ସଙ୍ଗେ ରାମ ସୀତାଙ୍କ ମିଳନ ପାଇଁ ଇଚ୍ଛା ବ୍ୟକ୍ତ କଲେ । ମାତ୍ର ସୀତା କହିଲେ, ସେ ଭୀରୁଙ୍କ ଭଳି ଲୁଚିକି ଲଙ୍କାରୁ ଯାଇପାରିବି ନାହିଁ । ଶ୍ରୀରାମ ଯୁଦ୍ଧ କରି ହିଁ ମୋତେ ଏଠାରୁ ନେଇଯିବେ । ଏହା କହି ସେ ହନୁମାନଙ୍କୁ ଫେରିଯିବା ଲାଗି କହିଥିଲେ । ଦେବୀ ସୀତାଙ୍କ ଚରିତ୍ର ବିଷୟରେ ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଭାରତ ଏବଂ ବିଶ୍ୱର ଯେତେ ଗ୍ରନ୍ଥ ଖୋଜିଲେ ମଧ୍ୟ ହୁଏତ ଶ୍ରୀରାମଙ୍କ ଭଳି ଚରିତ୍ର ମିଳିଯାଇପାରନ୍ତି କିନ୍ତୁ ସୀତାଙ୍କ ଭଳି ଚରିତ୍ର ମିଳିବା ଅସମ୍ଭବ । ସୀତା ଭାରତର ପରିଚୟ, ସେ ଭାରତୀୟଙ୍କ ପାଇଁ ଆଦର୍ଶ ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା, ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩**

# ଥାନୁଆଳ ପଞ୍ଚାୟତରେ ବସୁଧା ଯୋଜନା ଫେଲ୍



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତରେ ବସୁଧା ଯୋଜନା ଫେଲ୍ ମାରିଛି । ପଞ୍ଚାୟତବାସୀଙ୍କୁ ମିଳୁନି ବିଶୁଦ୍ଧ ପାଇପ୍ ପାଣି । ଖରା ମାସରେ ୪ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ବାଧ୍ୟ ହୋଇ ଲୋକମାନେ ନିଜସ୍ୱ ଉଦ୍ୟମରେ ନଳକୂପ ପକାଇ ପାଣି ବ୍ୟବହାର କରୁଥିବା ବେଳେ ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି । ଏସବୁ ଜଳ ଉତ୍ସ ଏବେ ଶୁଖିବା ଆରମ୍ଭ ହୋଇଗଲାଣି । ବୁଲା ଗୋରୁଗାଈ ଓ ଅନ୍ୟ ପଶୁପକ୍ଷୀମାନେ ମଧ୍ୟ ପିଇବା ପାଇଁ ପାଣି ମୁନ୍ଦେ ପାଉନାହାଁନ୍ତି । ସେହିପରି ନିକଟରେ ଥିବା ରାମ୍‌କୋ ସିମେଣ୍ଟ୍ କାରଖାନା ବିପୁଳ ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ହ୍ରାସ ପାଉଥିବା ଅଭିଯୋଗ ଉଠିଛି । ଏଥିପାଇଁ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ଜଳ ସଂକଟ ଉତ୍କଟ ଆକାର ଧାରଣ କରିବା ଆଶଙ୍କା ସୃଷ୍ଟି ହୋଇଛି । ପ୍ରକାଶ ଯେ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଥାନୁଆଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି । ତାମିଲନାଡୁର ଏକ ଠିକାସଂସ୍ଥା ୩ବର୍ଷ ହେଲା ଏଠାରେ କାମ ଆରମ୍ଭ କରିଥିଲେ ହେଁ, ଏପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ ସରୁନାହିଁ । କେବେ ଶେଷ ହେବ ଏ ପ୍ରଶ୍ନର ଉତର କାହା ପାଖରୁ ମିଳୁନାହିଁ । ଉକ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବାରୁ ନିକଟସ୍ଥ ଖୁଣ୍ଟା, ଯୋଗରଡ଼ା, ରଘୁନାଥପୁର, ମୁରାରିପୁର, ଗୁଆରଙ୍ଗ, ଥାନୁଆଳ, କଣ୍ଟାମାଳିଆ, ଝାରଷୋଳ ଓ କାନପୁର ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଏଠାରେ ଉକ୍ତ ମୂଲ୍ୟବାନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇ ପାରୁନାହିଁ । ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଲୋକମାନେ ବିଶୁଦ୍ଧ ପାଣି ମୁନ୍ଦେ ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପଟେ ପାଇପ୍ ବିଛାଇବା ନାଁରେ ଠିକାସଂସ୍ଥା ଲକ୍ଷ ଲକ୍ଷ ଟଙ୍କାର ରାସ୍ତାକୁ ଖୋଳିତାଡ଼ି ପକାଇଥିଲେ ହେଁ, ଏହାକୁ ମରାମତି ନକରି ଛାଡ଼ି ଦେଇଛି । ଲୋକମାନଙ୍କ ଯାତାୟତରେ ମଧ୍ୟ ବାଧା ଉପୁଜିଛି । ସେହିପରି ସ୍ଥାନୀୟ ହରିଦାସପୁର ମୌଜାରେ ଥିବା ରାମ୍‌କୋ ସିମେଣ୍ଟ୍ କମ୍ପାନୀ କାରଖାନା ପରିସରରେ ୩ଟି ବୋରୱେଲ୍ କରି ବିପୁଳ ଭୂତଳ ଜଳ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । କାରଖାନା କାର୍ଯ୍ୟକ୍ଷମ ପୂର୍ବରୁ ୨୦୧୮ ଅଗଷ୍ଟରେ ଜଳ ସଂପଦ ବିଭାଗ ପକ୍ଷରୁ କେବଳ ପ୍ରକଳ୍ପ ନିର୍ମାଣ ଓ ପାନୀୟ ଜଳ ବ୍ୟବହାର କରିବାକୁ ୧୦୦କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦେଇଥିଲା । ମାତ୍ର ଉକ୍ତ କମ୍ପାନୀ କାରଖାନା ଚଳାଇବାରେ ମଧ୍ୟ ଭୂତଳ ଜଳ ବ୍ୟବହାର କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି ତାକୁ ମାପିବାକୁ କେହି ନାହାଁନ୍ତି । ଏଥିପାଇଁ ନିକଟସ୍ଥ ଥାନୁଆଳ, ହରିଦାସପୁର, ସୁନ୍ଦରିଆ ଓ ଆରୁହା ପଞ୍ଚାୟତରେ ଭୂତଳ ଜଳସ୍ତର କମିଯାଉଛି । ଏଥିସହ କାରଖାନାରୁ ନିର୍ଗତ ଜିପ୍‌ସମ୍ ଓ ସିମେଣ୍ଟ୍ ଗୁଣ୍ଡ ଉଡ଼ି ନିକଟସ୍ଥ ପୋଖରୀ ଓ କୂଅ ପାଣିରେ ପଡୁଛି । ଏହି ବିଷାକ୍ତଗୁଣ୍ଡ ପାଣିରେ ଏକ ଆସ୍ତରଣ ସୃଷ୍ଟି କରିଥିବାରୁ ଲୋକମାନେ ଏହାକୁ ବ୍ୟବହାର କରିବାକୁ ନିରାପଦ ମଣୁନାହାଁନ୍ତି । ଯାଜପୁର ଜିଲ୍ଲାପାଳ ଏସବୁ ସମସ୍ୟା ସମାଧାନ ଦିଗରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଇନଟାକ ବାଲେଶ୍ୱର ତରଫରୁ ବିଶ୍ୱ ଐତିହ୍ୟ ଦିବସ ପାଳନ

ବାଲେଶ୍ୱର (ପିଏନ୍)- ବିଶ୍ୱ ଐତିହ୍ୟ ଦିବସ ଅବସରରେ ବାଲେଶ୍ୱର ଚାପ୍ଟର ତରଫରୁ ବାଲେଶ୍ୱର କଳା କ୍ଷେତ୍ରରେ ଏକ ଐତିହ୍ୟ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜୁନିଅର ଓ ସିନିୟର୍ ଗ୍ରୁପ ରେ ଏହି ପ୍ରତିଯୋଗିତାରେ ୬୦ ପିଲା ଅଂଶ ଗ୍ରହଣ କରି ଐତିହ୍ୟ ସମ୍ପନ୍ନ ଚିତ୍ରାଙ୍କନ କରିଥିଲେ । ଏଥିରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଇନଟାକ ତରଫରୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବାଲେଶ୍ୱର ଚାପ୍ଟର ତରଫରୁ ଏକ ସଭା ଭାବଗ୍ରାହୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଚାପ୍ଟର ସହ ଆବାହକ ଅର୍ଚ୍ଚନା ନନ୍ଦୀ ବକ୍ତବ୍ୟରେ ପିଲାମାନଙ୍କୁ ଐତିହ ରକ୍ଷଣାବେକ୍ଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଆବାହକ ନିକୁଞ୍ଜ ବିହାରୀ ଦାସ ପିଲାଙ୍କୁ ପ୍ରତିଯୋଗିତାର ନିୟମ ବିଷୟରେ ଅବଗତ କରାଇଥିଲେ ଏବଂ ଐତିହ ଚିତ୍ର ବିଷୟରେ ସମ୍ୟକ ଧାରଣା ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିତିକଣ୍ଠ ଦିକ୍ଷିତ, ହରେନ୍ ରଣା ପ୍ରମୁଖ ପିଲାମାନଙ୍କୁ ବାଲେଶ୍ୱର ଐତିହ ଚଷାଖଣ୍ଡ, ରାଇବଣିଆ ଦୁର୍ଗ, ଜୟୀ ରାଜଗୁରୁଙ୍କ ବିଷୟରେ ବିସ୍ତୃତ ଆଲୋଚନା ଗରିଥିଲେ । ଶେଷରେ ଇନଟାକ ସଭ୍ୟ ଯଶୋଦା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡା ଝିଅ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଟପ୍ପର




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ସୁନେଇଲୋ ଗ୍ରାମର ଇପ୍ସିତା ମିଶ୍ର ଭୁବନେଶ୍ୱର ବାଣୀବିହାରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ସ୍ନାତକୋତ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ତଥା ଉପାଧି ପ୍ରଦାନ ସମାବେଶରେ ଓଡିଶା ହାଇକୋର୍ଟର ବିଚାରପତି ଡଃ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇପ୍ସିତା ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ । ଏହି ପଦକଗୁଡିକ ମଧ୍ୟରେ ଦିୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି ମେମୋରିଆଲ୍, ଗିରିଜାଶଙ୍କର ରାୟ ମେମୋରିଆଲ୍, କିର୍ତ୍ତନ ବିହାରୀ ପଟ୍ଟନାୟକ ମେମୋରିଆଲ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିପରି ୪ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । ତାଙ୍କର ବାପା ଡା. କିଶୋର ଚନ୍ଦ୍ର ମିଶ୍ର କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ କାର୍ଯ୍ୟରତ ଥିବାବେଳେ ମା’ କଳ୍ପନା ମିଶ୍ର ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିଛନ୍ତି । ଇପ୍‌ସିତାଙ୍କ ଭାଇ ଅଂଶୁମାନ ମିଶ୍ର ୨୦୧୫ରେ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଆଇଆରପିଏସ୍ (ଇଣ୍ଡିଆନ ରେଲୱେ ପର୍ସନେଲ ସର୍ଭିସ) । ଏବେ ରେଳ ବିଭାଗ ନାଗପୁରରେ ଡିଆରଏମ୍ ଅଛନ୍ତି । ଇପ୍‌ସିତା ସଫଳତାର ସମସ୍ତ ଶ୍ରେୟ ତାଙ୍କ ମା’ କଳ୍ପନା ମିଶ୍ର ଏବଂ ବାପା କିଶୋର ମିଶ୍ରଙ୍କୁ ଦେଇଛନ୍ତି । ସେ କେନ୍ଦ୍ରାପଡା ସେଣ୍ଟ ଜୋସେଫ୍ ସ୍କୁଲରୁ ପାଠପଢା ଆରମ୍ଭ କରି ୟୁନିଟ- ୮ ଡିଏଭି ପବ୍ଲିକ ସ୍କୁଲରୁ ସଫଳତା ସହ ମ୍ୟାଟ୍ରିକରେ ଉତ୍ତୀର୍ଣ୍ଣ ହେବାପରେ ରମାଦେବୀ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ଇପ୍‌ସିତା ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଜୁକେଶନରୁ ବିଏଡ୍ ମଧ୍ୟ କରିଛନ୍ତି । ଭବିଷ୍ୟତରେ ଇଂରାଜୀ ବିଭାଗରେ ପ୍ରଫେସର ହେବେ ବୋଲି ଲକ୍ଷ୍ୟ ରଖିଥିବା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଓଡିଶାର ପିଲାଙ୍କୁ ଉଚ୍ଚମାନର ଇଂରାଜୀ ଶିକ୍ଷା ଦେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଗର୍ବ ଓ ଗୌରବକୁ ବହୁଗୁଣିତ କରିଛି ।

# ଆନନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପନ ଉତ୍ସବ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡଃ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଆନନ୍ଦପୁର ପୌର ପରିଷଦର ଅଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ୮ ଦିନ ଧରି ଚାଲିଥିବା ତାଲିମ୍ କେନ୍ଦ୍ରରେ ଶିକ୍ଷା ଦିଆଯାଇଥିବା ଆତ୍ମ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ସହିତ ପଡୋଶୀ ସହପାଠୀ ଏବଂ ନାରୀ ସମାଜକୁ ସଚେତନ କରିବା ପାଇଁ ମାର୍ଗ ଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଫିସର ଇନଚାର୍ଜ ଡଃ ନାରାଣ ମିଶ୍ର, ସଂଯୋଜକ ଶିବ ଚରଣ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ, ମନୋରମା ନାଏକ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ବାବଦରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ତାଲିମ୍ ଶିବିରରେ ଯୋଗ ଦେଇଥିବା ୧୪୮ଜଣ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପ୍ରାଧ୍ୟାପିକା ଡଃ କମଳିନୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଫେସର ହୃଦାନନ୍ଦ ରାୟ





ଓଡ଼ିଶା ଆଧ୍ୟାତ୍ମିକ ସାହିତ୍ୟ, ବାଗ୍ମୀତା, ପାଣ୍ଡିତ୍ୟ, ସରଳତା, ଦାର୍ଶନିକ ଚେତନାର ଅନନ୍ୟ ଦାର୍ଶନିକ ମହାନ ଲେଖକ ଥିଲେ ବାଗ୍ମୀ ହୃଦାନନ୍ଦ ରାୟ । ତାଙ୍କ ଜୀବନ ଚେତନା ଥିଲା ସମର୍ପିତ ଧର୍ମ ସଂସ୍କୃତି ଓ ଆଦର୍ଶବାଦ ତଥା ମାନବୀୟ ମୂଲ୍ୟବୋଧ ସଂସ୍କୃତିର । ସେ ଜଣେ ଅଗାଧ ଜ୍ଞାନର ବିଶାଳ ସମୁଦ୍ର ଥିଲେ । ତାଙ୍କ ଜୀବନ ଥିଲା ଅତ୍ୟନ୍ତ ସରଳ, ନିରାଡମ୍ବର ଓ ସମାଜର ସେବା ପାଇଁ ପ୍ରତିଟି ମୁହୂର୍ତ୍ତ ସମର୍ପିତ ଚେତନାର ବ୍ୟାପ୍ତ ଦିଗନ୍ତ । ପ୍ରସିଦ୍ଧ ଶିକ୍ଷକ, ଦାର୍ଶନିକ, ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟ ଜୀବନର ଏକ ସମୟରେ କବିତା ଲିଖନ ପ୍ରତି ଆକର୍ଷିତ ହୋଇଥିଲେ । ତେବେ, ଦର୍ଶନ ପ୍ରତି ଅତ୍ୟାଗ୍ରହ, କ୍ରମେ ତାଙ୍କୁ କବିତା ଲିଖନରୁ ଦୂରେଇ ନେଇଥିଲା । ତାଙ୍କ ନିଜ ଭାଷାରେ କବିତା ଚାହୁଁଥିଲା କଳ୍ପନାବିଳାସ, ହୃଦୟର ମନ୍ଥନ ଓ ଭାବର ରୋମନ୍ଥନ । କିନ୍ତୁ ଦର୍ଶନ ଚାହିଁଲା କଳ୍ପନା ବିରହିତ ଶାଣିତ ଯୁକ୍ତିର ପଦ୍ଧତି । ମୁଁ ନିଜକୁ କଳ୍ପନାପ୍ରବଣ ନ କରି ବରଂ କଳ୍ପନାକୁ ଡରି, ଦର୍ଶନ ଚିନ୍ତାରେ ମନୋନିବେଶ କରିଚାଲିଲି । ସେ ଥିଲେ ନିଜକୁ କବି ଭାବୁଥିବା ଦାର୍ଶନିକ । ତେଣୁ ଧାରା ଶ୍ରାବଣ ପରି ଅନର୍ଗଳ କବିତା ବାହାରୁଥିଲା ତାଙ୍କ ତୁଣ୍ଡରୁ । କବିତା ମାଧ୍ୟମରେ ସେ ନିଜକୁ ପ୍ରକାଶ କରିବାକୁ ଭଲପାଉଥିଲେ । ତେବେ, ତାଙ୍କୁ ସମ୍ମୋହିତ କରି ରଖିଥିଲା ଦର୍ଶନଶାସ୍ତ୍ର । ବିଦ୍ୟାଳୟରେ ସ୍ୱପ୍ନ ଦେଖିଥିଲେ, ଦିନେ ନା ଦିନେ ଦର୍ଶନଶାସ୍ତ୍ରକୁ ଭେଟିବେ । ଆଉ ଭେଟିଥିଲେ ରାଭେନ୍‌ସା ମହାବିଦ୍ୟାଳୟର ଆଠ ନମ୍ବର ପ୍ରକୋଷ୍ଠରେ । ପିତା ଚାହୁଁଥିଲେ, ସେ ଆଇନ ପଢ଼ି, ବାରିଷ୍ଟର ହୁଅନ୍ତୁ । ତେବେ ପିତାଙ୍କ କଥା ନ ମାନି ହୃଦାନନ୍ଦ କାଶୀରେ ଦର୍ଶନଶାସ୍ତ୍ରରେ ଉଚ୍ଚ ଶିକ୍ଷା କରିଥିଲେ । ଆଉ ଉଚ୍ଚଶିକ୍ଷା ପରେ ଆରମ୍ଭ ହୋଇଥିଲା ଅଧ୍ୟାପନା । ଶ୍ରୀ ଜଗନ୍ନାଥ ତତ୍ତ୍ୱ ରହସ୍ୟ, ଆମେରିକା ଯେତିକି ଦେଖିଛି, ଯେତିକି ବୁଝିଛି, ଭାଗବତ ସମୀକ୍ଷା ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ଗ୍ରନ୍ଥ । ତାଙ୍କ ଆତ୍ମଚରିତ ‘ଜାଣେ ଅନୁଭବୀ ଅନୁଭବରେ’ । ସେଥିରେ ସେ ଅତି ସୁନ୍ଦର ଭାବରେ ତାଙ୍କ ଜୀବନ ଚେତନାକୁ ଉଲ୍ଲେଖ ରଖିଛନ୍ତି । ପୁସ୍ତକଟିରେ ୨୩ଟି ଅଧ୍ୟାୟ ଭିତରେ ସେ ସମ୍ପୂର୍ଣ୍ଣ ଉଲ୍ଲେଖ ରଖିଛନ୍ତି ତାଙ୍କ ତମାମ ଜୀବନ, ଆଧ୍ୟାତ୍ମିକତା ସଂସ୍କୃତି ଓ ସମାଜର ଜୀବନ ଚେତନାକୁ ନେଇ ଓ ତାଙ୍କ ଆଖପାଖର ମଣିଷ ମାନଙ୍କୁ ନେଇ । ୧୯୩୦ ମେ ୧୦ ତାରିଖ ଦିନରେ ଜଗତ୍‌ସିଂହପୁର ଅନ୍ତର୍ଗତ ଗୋବିନ୍ଦତୋଟାରେ ସେ ଜନ୍ମ ହୋଇଥିଲେ ।

**ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫**

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ମେ' ୧୧**

# ରଜତସ୍ନିଗ୍ଧ ସାଧନାର ଉଜ୍ଜ୍ୱଳ ଦିଗବାରେଣୀ

## —ଅଲିଶା ବଜାର ଚାଟଶାଳୀରୁ ଜୀବନ ଯାତ୍ରା—

*ବାଗ୍ମୀ ପଦ୍ମଶ୍ରୀ ରଜତ କର ଗଢ଼ିହୋଇଥିଲେ କଟକ ପାଣି ପବନରେ। କଟକ ସହର ତାଙ୍କୁ ତିଆରି କରିଥିଲା ଜଣେ ବାଗ୍ମୀ, ସଂସ୍କୃତିସଂପନ୍ନ ପ୍ରାଜ୍ଞ ପୁରୁଷ ଭାବେ। ଅଲିଶା ବଜାର ଦୁର୍ଗାମଣ୍ଡପରେ ଥିବା ଏକ ଚାଟଶାଳୀରେ ଖଡ଼ି ଧରି ଶିକ୍ଷା, ସଂସ୍କୃତିର ଅସରନ୍ତି ଯାତ୍ରା ସେ ଆରମ୍ଭ କରିଥିଲେ। ଏହିଠାରୁ ହିଁ ଶିଖିଥିଲେ ଶବ୍ଦବ୍ରହ୍ମର ଶକ୍ତି, ସଂସ୍କୃତିର ମୂଳ ତତ୍ତ୍ୱ। କେବଳ ଓଡ଼ିଶା ନୁହେଁ ସାରା ଭାରତରେ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଭାବେ ସେ ଯେଉଁ ବାଗ୍ମୀତାର ପରିଚୟ ଦେଇଥିଲେ ତାହାର ଶୁଭାରମ୍ଭ କଟକରୁ ହୋଇଥିଲା। ସ୍ୱର୍ଗତଃ କର ଛୋଟବେଳୁ ସାହିତ୍ୟ ପରିଧି ଭିତରେ ବଢ଼ିଥିଲେ। ବାପା କୁଳମଣି କର ସ୍ୱର୍ଗତ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଉତ୍କଳ ସାହିତ୍ୟ ପ୍ରେସ'ର ମ୍ୟାନେଜର। ତେଣୁ ଅନେକ ସମୟରେ ବାପାଙ୍କ ସହ ରଜତ ପ୍ରେସକୁ ଯାଉଥିଲେ। ସେ ସମୟରେ କୁଳମଣି କର ଜଣେ ଭଲ ପ୍ରୁଫ୍ ରିଡ଼ର ଥିଲେ। ତେଣୁ ବାପା ପ୍ରୁଫ ଦେଖିବା ବେଳେ ରଜତ ସେଠି ବସି ବିଭିନ୍ନ ଲେଖା ପଢ଼ନ୍ତି। ସେତେବେଳେ ରାଧାନାଥ ରାୟ ଓ ମଧୁସୂଦନ ରାଓଙ୍କ ପୁସ୍ତକ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା। ଉତ୍କଳ ସାହିତ୍ୟ ପ୍ରେସରେ ରଜତ ଉଭୟଙ୍କ କାଳଜୟୀ ଲେଖାଗୁଡ଼ିକ ପଢ଼ି ମୁଖସ୍ଥ କରିଦେଇଥିଲେ। ଏମିତିକି ବାପାଙ୍କୁ କହି ରାଧାନାଥ ଓ ମଧୁସୂଦନଙ୍କ କିଛି ଲେଖାର ପଂକ୍ତିକୁ ଦଶ ବାରଟି ଫ୍ରେମ କରି ଘରେ ଟଙ୍ଗାଇଥିଲେ। ରଜତ କରଙ୍କ ପ୍ରାଥମିକ ଶିକ୍ଷା ଅଲିଶା ବଜାର ଦେବୀ ଘରେ ଏକ ଚାଟଶାଳୀରୁ ଆରମ୍ଭ ହୋଇଥିଲା। ପରେ ମିଶନ ସ୍କୁଲ, ରେଭେନ୍ସା କଲିଜିଏଟ ଓ ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ହାସଲ କରିଥିଲେ। ୮୦ ଦଶକ ପର୍ଯ୍ୟନ୍ତ କଟକରେ ରହୁଥିଲେ ସେ। ପ୍ରଖ୍ୟାତ ସାହିତ୍ୟିକ ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ପଟ୍ଟଶିଷ୍ୟ ଥିଲେ ରଜତ। ଏମିତିକି ନବମ ଶ୍ରେଣୀରେ ପଢୁଥିବାବେଳେ ସାହିତ୍ୟ ଚର୍ଚ୍ଚା ପାଇଁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଗଠିତ 'ଛାତ୍ର ବାହିନୀ'ରେ ସେ ଯୋଗ ଦେଇଥିଲେ।*

********



ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବୀଣ ବକ୍ତା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମଉଡ଼ମଣି ପଦ୍ମଶ୍ରୀ ଡକ୍ଟର ରଜତ କୁମାର କର ଆଉ ନାହାଁନ୍ତି ଏହା ବିଶ୍ୱାସ ହେଉନାହିଁ। ଲକ୍ଷ ଲକ୍ଷ ପ୍ରଶଂସକ, ଗୁଣମୁଗ୍ଧ ଶ୍ରୋତା ତଥା ଅସୁମାରୀ ବାଣୀ ଭଣ୍ଡାରକୁ ଛାଡ଼ି ସେ ଆରପାରିର ଯାତ୍ରୀ ହୋଇଯାଇଛନ୍ତି। ସେ ଥିଲେ ରଜତସ୍ନିଗ୍ଧ ଜହ୍ନରାତିର ସେ ଏକ ଉଜ୍ଜ୍ୱଳ ଦିଗବାରେଣୀ। ଦୂର କେଉଁ ତରୁ ଉହାଡ଼ରୁ ଭାସି ଆସୁଥିବା କୋଇଲିର କୁହୁତାନ ପରି ତାଙ୍କ ଉଚ୍ଚାଙ୍ଗ ସଙ୍ଗୀତ, ନାଟକ ହେଉ ଅଥବା ବୈଶାଖର ଧୁ ଧୁ ମଧ୍ୟାହ୍ନରେ ଯୋଗୀର କେନ୍ଦରା ଗୀତର ଜୀବନବୋଧ ସାହିତ୍ୟ, ସଙ୍ଗୀତର ସବ୍ୟସାଚୀ ପଦ୍ମଶ୍ରୀ ଡକ୍ଟର ରଜତ କର ଆମ ସଂସ୍କୃତି ଚଉରାମୂଳେ ଶିଖା ଟେକି ଜାଳୁଥିବା ଏକ ନିରୁଦବିଗ୍ନ ସଞ୍ଜବତୀ। ସେ ବତୀ ଆଜି ନିର୍ବାପିତ ହୋଇଯାଇଛି ସତ, କିନ୍ତୁ ସେ ଆଲୋକର ଉଦଭାସରେ ଆଲୋକିତ ହେଉଥିବ ସର୍ଜନଶୀଳ ଉତ୍ତରପୁରୁଷଙ୍କ ସାରସ୍ୱତ ସରଣୀ। ରଥଯାତ୍ରାରେ ଆଉ ଶୁଣିବାକୁ ମିଳିବନି ତାଙ୍କ ପାଣ୍ଡିତ୍ୟ, ତଥ୍ୟଭିତ୍ତିକ ଓ ଲାଳିତ୍ୟପୂର୍ଣ୍ଣ ତଥା ଗୁରୁଗମ୍ଭୀର ଧାରା ବିବରଣୀ।

ସେ ଥିଲେ ଭଞ୍ଜ ସାହିତ୍ୟର ସାର୍ଥକ ସାରଥି। ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ସମର୍ପିତ କରିଥିଲେ ପଦ୍ମଶ୍ରୀ ରଜତ କର। ବାସ୍ତବରେ ଭଞ୍ଜ ସାହିତ୍ୟର ସେ ଥିଲେ ସାର୍ଥକ ସାରଥି। ଉତ୍କଳ ଛାତ୍ର ସାହିତ୍ୟ ସମାଜ ସହିତ ଜଡ଼ିତ ହୋଇ ଛାତ୍ର ଜୀବନରୁ ଭଞ୍ଜ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। କଳିଙ୍ଗ ଭାରତୀ ଅନୁଷ୍ଠାନର ସଭାପତି ଭାବେ ପ୍ରତିବର୍ଷ କଟକ ମିଶନ ରୋଡ଼ ସ୍ଥିତ ଭଞ୍ଜ ମଣ୍ଡପରେ ଭଞ୍ଜ ଜୟନ୍ତୀ ଉତ୍ସବ ବେଶ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜନ କରିଆସୁଥିଲେ। ତାଙ୍କ ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଉଛି 'ଜନମାନସରେ ଭଞ୍ଜ', 'ଜଣାଣ ବାଇଶ ପାବଚ୍ଛ', 'ଭକତ ଭଜଇ ଭଗବାନ', 'ଜଣାଣ ଜଣାଉଛି ଜଗନ୍ନାଥଙ୍କୁ', 'ଜନଜୀବନରେ ଜଗନ୍ନାଥ', 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ', 'ମଧୁମଙ୍ଗଳ'। ନାଟକ ଯଥା 'କବି ସମ୍ରାଟ', 'ସୁରେନ୍ଦ୍ର ସାଏ', 'ଚାଖି ଖୁଣ୍ଟିଆ' ପ୍ରମୁଖ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ତାଙ୍କର ଅବଦାନ ଅକଳ୍ପନୀୟ। ସାହିତ୍ୟ କ୍ଷେତ୍ରରେ ନିଜର ଅନନ୍ୟ ସାଧନା ପାଇଁ ସେ ଓଡ଼ିଆ ପାଠକଙ୍କ ନିକଟରେ ଯଶସ୍ୱୀ ହୋଇପାରିଥିଲେ। ଲୋକନାଟ୍ୟ 'ପାଲା'କୁ ଜୀବନ୍ତ ରଖିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଟିଭି ଓ ରେଡ଼ିଓରେ ରଥଯାତ୍ରାର ଭାଷ୍ୟକାର ଭାବେ ଓଡ଼ିଆ ଜନମାନସରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।



ଅର୍ଥନୀତିରେ ସ୍ନାତକୋତ୍ତର ଉପାଧି ଲାଭ କରି ଶିକ୍ଷା ବିଭାଗରେ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜଙ୍କ ସମ୍ରାଟ କମ୍ଭୁ କଟକର ରାଜା ଶ୍ରୀଜଗନ୍ନାଥଙ୍କର ସେ ଥିଲେ ପ୍ରଶଂସକ ତଥା ଉପାସକ। ଓଡ଼ିଶା । ଭଞ୍ଜ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଭାବରେ ସେ ଉପେନ୍ଦ୍ର ଭଞ୍ଜଙ୍କ ସମସ୍ତ ରଚନାକୁ ଅନୁଶୀଳନ ଏବଂ ବିଶ୍ଳେଷଣ କରିଛନ୍ତି। ବାଗ୍ମୀ ଭାବରେ ପରିଚିତ ରଜତ କରଙ୍କ ଓଜସ୍ୱିନୀ ଭାଷଣ ସବୁ ସମୟରେ ବେଶ ହୃଦୟସ୍ପର୍ଶୀ ଓ ମର୍ମସ୍ପର୍ଶୀ। ଶ୍ରୀଜଗନ୍ନାଥଙ୍କର ମଧ୍ୟ ସେ ଜଣେ ପରମ ଭକ୍ତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉନ୍ମେଷ ଓ ବିକାଶ, ପୂଜା ଉପାସନା, ପର୍ବପର୍ବାଣୀ, ଚିନ୍ତା ଚେତନା ଆଦି ପ୍ରତ୍ୟେକଟି ବିଷୟରେ ତାଙ୍କର ଅଗାଧ ଜ୍ଞାନ ରହିଛି ତଥା ଶତାଧିକ ବକ୍ତବ୍ୟ ରହିଛି। ଜଣେ ବିଶିଷ୍ଟ ନାଟ୍ୟକାର ଭାବରେ ମଧ୍ୟ ସେ ପରିଚିତ।

ରଜତ କରଙ୍କୁ ସବୁଠୁ ଅଧିକ ପରିଚିତି ଆଣିଥିଲା ଘରେ ଘରେ ଦେଇଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଧାରା ବିବରଣୀ। ଅତି ସୁନ୍ଦର ଭାବରେ ସାବଲୀଳ ଭାଷାରେ ଭଜନ ଜଣାଣ ସହିତ ତାଙ୍କର ବ୍ୟାଖ୍ୟାନ ଓ ଧାରା ବିବରଣୀ ସହ ପ୍ରବଚନ ଲୋକଙ୍କୁ ବାନ୍ଧି ରଖିଥିଲା। ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ଧାରା ବିବରଣୀ ସେ ବିଗତ ପ୍ରାୟ ୫୦ ବର୍ଷ ଧରି ରେଡ଼ିଓ ତଥା ଟେଲିଭିଜନରେ ଦେଇ ଆସୁଥିଲେ। ଓଡ଼ିଶାର ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଜଣେ ପ୍ରଣମ୍ୟ ପୁରୁଷ ହିସାବରେ ପରିଚିତ ଏହି ବରପୁତ୍ରଙ୍କୁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବହୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ଶେଷରେ ତାଙ୍କର ଜୀବନବ୍ୟାପୀ ଉଲ୍ଲେଖନୀୟ କୃତି ପାଇଁ ଦେଶର ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ମଧ୍ୟ ଭୂଷିତ କରାଯାଇଥିଲା। ଜଣେ ଶିକ୍ଷାବିତ, ନାଟ୍ୟକାର, ସୁବକ୍ତା, ତତ୍ତ୍ୱଦର୍ଶୀ ଘୋଷକ, ପ୍ରବଚକ, ବାଗ୍ମୀ, ବିଦ୍ୱାନ ଓ ସମସ୍ତଙ୍କୁ ଭଲ ପାଉଥିବା ମଣିଷଟିଏ ସେ ଥିଲେ। ସେ ନିଜ ଅନନ୍ୟ ବାଗ୍ମୀତା, ପାଣ୍ଡିତ୍ୟ ଓ ସୃଜନକୃତୀ ପାଇଁ ଚିର ସ୍ମରଣୀୟ ହୋଇ ରହିବେ। ଏହି ଲେଖକ ଝାଡ଼ଖଣ୍ଡରେ ରହୁଥିବା ଅଗଣିତ ଓଡ଼ିଆ ଭାଇ ଭଉଣୀ ଓ ଅନନ୍ୟ ସାହିତ୍ୟ ମୁଖପତ୍ର 'ସିଂହଭୂମ' ତରଫରୁ ତାଙ୍କୁ ତାଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧା ସୁମନ ଅର୍ପଣ କରୁଛି।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
**E-mail : badal009bhuyan@gmail.com**

# ଜୟଶଙ୍କରଙ୍କ ଜବାବ

**ସୌମେନ୍ଦ୍ର ଜେନା**



ନିକଟରେ ୱାସିଂଟନ ଡିସିଠାରେ ଭାରତ ଆମେରିକା ୨+୨ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତର ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ । ଏହି ଅବସରରେ ସେଠାରେ ସାମ୍ବାଦିକମାନଙ୍କୁ ଏସ୍. ଜୟଶଙ୍କର ଦେଇଥିବା ରୋକ୍‌ଠୋକ୍ ଉତ୍ତର ଏବେ ଦେଶ ବିଦେଶରେ ଚର୍ଚ୍ଚାର କେନ୍ଦ୍ର ହୋଇଛି । କେବଳ ସେତିକି ନୁହେଁ ଭାରତର ବିଦେଶ ନୀତିକୁ କେନ୍ଦ୍ର କରି ମଧ୍ୟ ଭିନ୍ନ ଭିନ୍ନ ରାଷ୍ଟ୍ରର ଗଣମାଧ୍ୟମରେ ଆଲୋଚନା ଜାରି ରହିଛି । କାରଣ ଗୋଟିଏ ସମୟରେ ଉଭୟ ଆମେରିକା ଏବଂ ରୁଷିଆକୁ ନିଜ କୂଟନୀତିରେ ଧରି ରଖି ସନ୍ତୁଳିତ ଯାତ୍ରା ଭାରତ ଜାରି ରଖିଛି । ଜୟଶଙ୍କରଙ୍କ ଆଭିମୁଖ୍ୟକୁ ଚୀନର ଗଣମାଧ୍ୟମ ଆମେରିକା ବିରୋଧରେ ପ୍ରଚାର ପାଇଁ ଅସ୍ତ୍ର କରିଛି । ରୁଷିଆର ଗଣମାଧ୍ୟମଗୁଡିକରେ ମଧ୍ୟ ଜୟଶଙ୍କରଙ୍କ ସ୍ପଷ୍ଟ ଆଭିମୁଖ୍ୟର ପ୍ରଶଂସା କରାଯାଇଛି । ପଡୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନର ଗଣମାଧ୍ୟମରେ ଜୟଶଙ୍କରଙ୍କ ସାହସକୁ ଉଚ୍ଚ ପ୍ରଶଂସା କରାଯାଇଛି । ଏପରିକି ଭାରତର ସ୍ୱାଧୀନ ବିଦେଶ ନୀତିକୁ ପାକ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ତାଙ୍କର ଭାଷଣରେ ବାରମ୍ବାର ଉଲ୍ଲେଖ କରୁଛନ୍ତି ।

ଏସ୍. ଜୟଶଙ୍କରଙ୍କ ଦକ୍ଷତା ଏବଂ ବିଦେଶ ନୀତିର ପରିଚାଳନାକୁ ଯେ କେହି ପ୍ରଶଂସା ନକରି ରହିପାରିବ ନାହିଁ । କୋରୋନାର ୨୧ ମାସରେ ସେ ୨୯ଟି ଦେଶକୁ ଗସ୍ତ କରି ଭାରତର ଔଷଧ ଓ ଟୀକାକୁ ଭିନ୍ନ ଭିନ୍ନ ରାଷ୍ଟ୍ରରେ ପହଞ୍ଚାଇବା ପାଇଁ ମାର୍ଗ ପ୍ରଶସ୍ତ କରିଥିଲେ । ଏହି ସମୟରେ ନିଜେ ବିଦେଶମନ୍ତ୍ରୀ କୋରୋନାରେ ସଂକ୍ରମିତ ହେଲେ ମଧ୍ୟ ନିଜର କାର୍ଯ୍ୟ ଜାରି ରଖିଥିଲେ । ଯେଉଁଥିପାଇଁ ଭାରତ ଟୀକା କୂଟନୀତିରେ ବେଶ୍ ସଫଳତା ପାଇବା ସହ ବିଶ୍ୱରେ ଉଚ୍ଚ ପ୍ରଶଂସିତ ହେଲା । କୋରୋନାର ପ୍ରକୋପ ଟିକେ କମିବା ପରେ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଲାଗିବା ଯୋଗୁ ୟୁକ୍ରେନରୁ ଛାତ୍ରଛାତ୍ରୀ ଓ ଭାରତୀୟମାନଙ୍କୁ ଉଦ୍ଧାର କରିବାକୁ ଅପରେସନ ଗଙ୍ଗା ପରି ଯେଉଁ ଅଭିଯାନ ଚାଲିଥିଲା, ସେଥିରେ ବୈଦେଶିକ ବ୍ୟାପାର ବିଭାଗର ସକ୍ରିୟ ଭୂମିକା ରହିଥିଲା । ୟୁକ୍ରେନ ସୀମାବର୍ତ୍ତୀ ରାଷ୍ଟ୍ରଗୁଡିକରେ ଥିବା ଭାରତର ବୈଦେଶିକ ବିଭାଗର ଅଧିକାରୀମାନେ ୨୪ ଘଣ୍ଟିଆ କାର୍ଯ୍ୟାଳୟ ଖୋଲି ଅଭିଯାନକୁ ସଫଳ ହେବାରେ ସାହାଯ୍ୟ କରିଥିଲେ । ଯୁଦ୍ଧ ଯୋଗୁ ଭିନ୍ନ ଭିନ୍ନ ରାଷ୍ଟ୍ରଗୁଡିକ ସହ ସଂପର୍କ ରକ୍ଷାକରି ଭାରତର ସ୍ଥିତି ଓ ଆଭିମୁଖ୍ୟକୁ ସ୍ପଷ୍ଟ କରାଯାଇଥିଲା । ନିକଟରେ ରୁଷିଆ, ବ୍ରିଟେନ, ମେକ୍‌ସିକୋ, ଚୀନ, ଗ୍ରୀସ, ନାଇଜେରିଆ, ଫିଲିପାଇନ୍ସ, ଆଦି ରାଷ୍ଟ୍ରର ବିଦେଶ ମନ୍ତ୍ରୀମାନେ ଭାରତ ଗସ୍ତରେ ଆସି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ବ୍ରିଟେନ ବିଦେଶମନ୍ତ୍ରୀଙ୍କ ଭାରତଗସ୍ତ କାଳରେ ରୁଷିଆ ଉପରେ ଚାପ ପ୍ରୟୋଗ କରିବାକୁ ବ୍ରିଟେନର ନୀତିକୁ ଜୟଶଙ୍କର ଖାରଜ କରିଦେଇଥିଲେ । ରୁଷିଆ ସହ ଭାରତର ବନ୍ଧୁତା ଏବଂ ସଂପର୍କକୁ ସେ ଦୁର୍ବଳ ହେବାକୁ ଦେଇନଥିଲେ । ନାଟୋ ଗୋଷ୍ଠୀ, ୟୁରୋପୀୟ ସଂଘ, ୟୁକ୍ରେନ ସମେତ ଆମେରିକା ପକ୍ଷରୁ ଭାରତ ସରକାରଙ୍କ ଉପରେ ରୁଷିଆ ସହ ଭାରତର ସଂପର୍କକୁ ସଙ୍କୁଚିତ କରିବା ଏବଂ ବୈଦେଶିକ ସହଯୋଗକୁ ହ୍ରାସ କରାଯିବା ଲାଗି ଚାପ ପଡୁଥିଲେ ମଧ୍ୟ ଜୟଶଙ୍କର ସେସବୁକୁ ଅତି ଚତୁରତାର ସହ ସାମନା କରିଆସିଛନ୍ତି । ଆମେରିକା ଗସ୍ତକାଳରେ ସେଠାରେ ତାଙ୍କୁ ଆମେରିକା ପକ୍ଷରୁ ମାନବାଧିକାର ପ୍ରଶ୍ନ ନେଇ ଦୃଷ୍ଟି ରଖାଯିବା ବିଷୟରେ ସେ ସ୍ପଷ୍ଟ କହିଥିଲେ ଯେ ଆମେରିକା ଯେପରି ଭାରତ ଉପରେ ଦୃଷ୍ଟି ରଖିଛି, ଠିକ୍ ସେମିତି ଭାରତ ମଧ୍ୟ ଆମେରିକା ଉପରେ ନଜର ରଖିଛି । ଭାରତୀୟ ଲୋକମାନଙ୍କ ପ୍ରତି କିପରି ବ୍ୟବହାର କରାଯାଉଛି, ତାର ଉଦାହରଣ ସବୁ ରହିଛି । ଠିକଣା ସମୟରେ ଭାରତ ମଧ୍ୟ ସେସବୁ ପ୍ରସଙ୍ଗ ଉଠାଇବ ବୋଲି କହି ସେ ଅନେକଙ୍କ ମୁହଁକୁ ରଙ୍ଗା କରି ଦେଇଥିଲେ । ଆଜିଯାଏଁ ଭାରତର କୌଣସି ବିଦେଶମନ୍ତ୍ରୀ ଆମେରିକାର ବ୍ୟବସ୍ଥା ବିରୋଧରେ ଏପରି ଟିପ୍ପଣୀ ପୂର୍ବରୁ ଦେଇ ନ ଥିଲେ । ଭାରତକୁ ଦୁର୍ବଳ କରିବା ପରି ଆମେରିକାର ନୀତିକୁ ଯେ ଭାରତ ଗ୍ରହଣ କରିବା ପାଇଁ ରାଜି ନୁହେଁ, ତାହା ଏଥିରୁ ସ୍ପଷ୍ଟ ହେବାପରେ ଆମେରିକାର ଗଣମାଧ୍ୟମରେ ଭାରତ ପରି ଆଉ ଜଣେ ଆମେରିକା ବିରୋଧୀ ସୃଷ୍ଟି ହେବାକୁ ଯାଉଥିବା ବିଷୟ ପ୍ରକାଶ ପାଇଥିଲା । ଜୟଶଙ୍କରଙ୍କ ସିଧାସିଧା ଉତ୍ତରକୁ ଆମେରିକାର ଅନେକ ଗଣମାଧ୍ୟମ ସହଜରେ ହଜମ କରିପାରି ନ ଥିଲେ । ପୂର୍ବରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜୟଶଙ୍କର ଅଭିଯୋଗ କରିଥିଲେ ଯେ ବ୍ରିଟେନ ଲୋକେ ଭାରତରେ ୨୦୦ ବର୍ଷର ଶାସନ କାଳରେ ଅସଂଖ୍ୟ କଳା ଓ କୀର୍ତ୍ତି, ଅଳଙ୍କାରକୁ ବାଦଦେଲେ ୪୫ ଟ୍ରିଲିଅନ ଡଲାରର ଧନରତ୍ନ ନିଜ ଦେଶକୁ ବୋହି ନେଇଥିଲେ । ବ୍ରିଟିସ ଶାସନ ସମୟରେ ୩୧ଥର ମରୁଡି ପଡି ପ୍ରାୟ ୮୪୦ ଲକ୍ଷ ଲୋକେ ମୃତ୍ୟୁମୁଖରେ ପଡିଥିଲେ । ୧୯୪୩ରେ କେବଳ ବଙ୍ଗଳାରେ ୩୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏସବୁ ଆଜି ଭାରତର ଇତିହାସରେ ପଢାଯାଉ ନ ଥିଲେ ମଧ୍ୟ ଏହା ଐତିହାସିକ ସତ୍ୟ । ଇଂରେଜମାନଙ୍କ ଶାସନ କାଳରେ ମରୁଡି ଯୋଗୁ ଭୋକ ଉପାସରେ ବହୁ ଲୋକେ ମରିଥିଲେ । ତାର ସୁବିଧା ନେଇ ଇଂରେଜମାନେ ଭାରତୀୟ ଲୋକଙ୍କୁ କ୍ରୀତଦାସ ଭାବେ ନିଜର ଉପନିବେଶଗୁଡିକରେ ଜଙ୍ଗଲ କାଟି ଚାଷ କାର୍ଯ୍ୟ କରିବା କିମ୍ବା କଳକାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ପଠାଇଥିଲେ । ଅବଶ୍ୟ ଭାରତୀୟ ଲୋକଙ୍କ ଭାଗ୍ୟ ଯେ ସେମାନେ ସେହିସବୁ ଦେଶକୁ ଯାଇ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ମୃତ୍ୟୁର ସମ୍ମୁଖୀନ ହୋଇ ଅନେକ ଦେଶର ବିକାଶ କରିବାକୁ ସକ୍ଷମ ହେବା ସହ ଆଜି ଶାସନରେ ଅଂଶୀଦାର ହୋଇଛନ୍ତି । ମରିସସ୍, ଟୋବାଗୋ, ଗୋୟାନା, ସିଙ୍ଗାପୁର ଆଦି ଏହାର ସ୍ପଷ୍ଟ ପ୍ରମାଣ । ଆଫ୍ରିକାର ଅନେକ ଦେଶରେ ଶିଳ୍ପ, ବାଣିଜ୍ୟ, ଅର୍ଥନୀତି ଆଦି ବିକାଶମୂଳକ କ୍ଷେତ୍ରରେ ଏହି ଭାରତୀୟ ମୂଳର ଲୋକେ ଏବେବି ସକ୍ରୀୟ ରହିଛନ୍ତି, ନେତୃତ୍ୱ ନେଉଛନ୍ତି । ସଂପ୍ରତି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରାଇସିନା ଆଲୋଚନାରେ ଜୟଶଙ୍କର ୟୁରୋପର ନେତୃମଣ୍ଡଳୀକୁ କଟାକ୍ଷ କରି ରାସ୍ତା ଦେଖାଇଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧର ପରିଣାମ, ଲୋକଙ୍କ ଖାଦ୍ୟ ସୁରକ୍ଷା, ବିତରଣ ସମସ୍ୟା ବିଷୟରେ ଅଧିକ ଧ୍ୟାନଦେବା ଉଚିତ୍ ବୋଲି ସେ କହିଥିଲେ । ସ୍ୱିଡେନର ପୂର୍ବତନ ପ୍ରଧାନମନ୍ତ୍ରୀ କାର୍ଲ ବିଲଡ୍ଟ ଏବଂ ଲକ୍ସେମ୍ବର୍ଗର ବିଦେଶମନ୍ତ୍ରୀ ଜିଆନ ଆସେନବର୍ଗ ୟୁକ୍ରେନ ମାମଲାରେ ଏସିଆ ଅଧିକ ଚିନ୍ତିତ ହେବା ଦରକାର ବୋଲି କହିଲା ବେଳେ ଉତ୍ତରରେ ଜୟଶଙ୍କର କହିଥିଲେ ଯେ ସବୁ ସମସ୍ୟାର ସମାଧାନ ଆଲୋଚନା ମାଧ୍ୟମରେ ହେବା ଆବଶ୍ୟକ । ଗତ ଦୁଇମାସ ଧରି ୟୁରୋପରେ ଯୁଦ୍ଧ ଚାଲିଥିବା କଥା ୟୁରୋପୀୟ ନେତୃବୃନ୍ଦ କହୁଛନ୍ତି । କିନ୍ତୁ ଏପରି ସମସ୍ୟା ଗତ ଦଶବର୍ଷ ହେବ ଏସିଆ ଦେଖିଆସିଛି । ବିଶେଷ କରି ଆଫଗାନିସ୍ଥାନ ସମସ୍ୟାକୁ ଦେଖିଲେ ସେଠାରେ ନୀତିନିୟମକୁ ନେଇ କାର୍ଯ୍ୟ ହୋଇଥିବା କେହି କହିପାରିବ ନାହିଁ । ସେଠାରେ ଏକ ନିର୍ବାଚିତ ସରକାରକୁ ଫିଙ୍ଗି ଦିଆଯିବାବେଳେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ନିଜର ପେଡିପୁଟୁଳୀ ବାନ୍ଧି ଚାଲିଗଲେ । କେତେକ ଦେଶରେ ସନ୍ତ୍ରାସବାଦକୁ ଦେଶର ସରକାର ସମର୍ଥନ ଦେଇ ପ୍ରୋତ୍ସାହିତ କରୁଛନ୍ତି, ପଡୋଶୀ ରାଷ୍ଟ୍ରର ସୀମାକୁ ଅଶାନ୍ତ କରୁଛନ୍ତି । ତେଣୁ କେବଳ ୟୁରୋପର ସମସ୍ୟା ନୁହେଁ, ଆଫ୍ରିକାର ଲୋକଙ୍କ ସମସ୍ୟା, ଏସିଆର ଲୋକଙ୍କ ଦୁଃଖ, ଅଭାବପ୍ରତି ମଧ୍ୟ ସମସ୍ତଙ୍କୁ ଦୃଷ୍ଟି ଦେବାକୁ ହେବ । ପୃଥିବୀ କହିଲେ କେବଳ ଆମେରିକା କିମ୍ବା ୟୁରୋପ ମଧ୍ୟରେ ସୀମିତ ନୁହଁ ବୋଲି ଇଙ୍ଗିତ କରି ଜୟଶଙ୍କର ୟୁରୋପୀୟ ନେତୃବୃନ୍ଦଙ୍କୁ ସତର୍କ କରାଇ ଦେଇଥିଲେ । କାରଣ କୋରୋନା କାଳରେ ୟୁରୋପର ଦେଶଗୁଡିକ ଅଧିକ ଅର୍ଥରେ ଆଗୁଆ ସବୁ କମ୍ପାନୀର ଟୀକାକୁ କିଣିନେବା ଫଳରେ ଆଫ୍ରିକା ଓ ଲାଟିନ ଆମେରିକାର ଗରିବ ଦେଶଗୁଡିକ ଟୀକାକ୍ରୟର ସୁବିଧା ମଧ୍ୟ ପାଇପାରି ନ ଥିଲେ । ସେହିସବୁ ଦେଶଗୁଡିକୁ ଆମେରିକା ଏବଂ ୟୁରୋପର ଧନୀ ଓ ବିକଶିତ ରାଷ୍ଟ୍ରଗୁଡିକଠାରୁ ଯେପରି ସାହାଯ୍ୟ ସହଯୋଗ ମିଳିବା ଆଶା କରାଯାଉଥିଲା ତାହା ସମ୍ଭବ ହୋଇନଥିଲା । ଜୟଶଙ୍କରଙ୍କ ସମୟରେ ଭାରତର ବିଦେଶନୀତି ଅଧିକ ସକ୍ରୀୟ, ଅଧିକ ସଶକ୍ତ ହୋଇଛି । ବିଦେଶ ବିଭାଗରେ ତିନିଦଶନ୍ଧି ଧରି କାର୍ଯ୍ୟ କରିବାର ଅନୁଭୂତି କେବଳ ନୁହେଁ, ଉଭୟ ଚୀନ ଏବଂ ଆମେରିକାରେ କାର୍ଯ୍ୟ କରିବାର ଅନୁଭୂତି ଆଜି ତାଙ୍କୁ ନୀତି ନିର୍ଦ୍ଧାରଣରେ ସହାୟକ ହେଉଛି । ଆମେରିକା ସହ ଭାରତର ପରମାଣୁ ନୀତି ଆଲୋଚନା ସମୟରେ ସେ ହିଁ ସୂତ୍ରଧର ରହିଥିଲେ । ଚୀନ ସହ ସୀମାବିବାଦ ଆଲୋଚନାରେ ତାଙ୍କର ଦୂରଦୃଷ୍ଟି ଯୋଗୁ ବିଦେଶରେ ଅନେକ ରାଷ୍ଟ୍ର ଭାରତର ସପକ୍ଷରେ ଯେ ରହିଥିଲେ ତା' ନୁହେଁ; ଏହି ବିଷୟ ବିଶ୍ୱବ୍ୟାପୀ ଆଲୋଚନାର କେନ୍ଦ୍ର ହୋଇଥିଲା । ଚୀନ ସହ ଭାରତର ଦାମ୍ଭିକ ମୁକାବିଲାକୁ ବିଦେଶୀ ଗଣମାଧ୍ୟମରେ ପ୍ରଶଂସା କରାଯାଇଥିଲା । ଅନେକ ଦେଶର ସାଧାରଣ ଜନତା ସେମାନଙ୍କ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଭାରତର ସପକ୍ଷରେ କହିବା ଏହାର ପ୍ରମାଣ । ଭାରତର ବିଦେଶନୀତି କୌଣସି ଦେଶର ନିଜସ୍ୱ ସ୍ୱାର୍ଥ କିମ୍ବା ଚାପରେ ନୁହେଁ ବରଂ ଭାରତର ହିତକୁ ନେଇ ଆଗେଇଥିବା କଥା ଜୟଶଙ୍କର କହି ଆସୁଛନ୍ତି ।



ଜୟଶଙ୍କରଙ୍କ ଏ ପ୍ରକାର ଦକ୍ଷତା କେବଳ ଶିକ୍ଷା, ଚାକିରି କିମ୍ବା ଅନୁଭୂତିରେ ସୀମିତ ନୁହେଁ ବରଂ ଏହା ତାଙ୍କ ପରିବାରର ଦାନ । କାରଣ ତାଙ୍କ ପିତା କେ. ସୁବ୍ରମଣ୍ୟମ ଥିଲେ ଭାରତର ରଣନୀତିକାର ଓ ଦକ୍ଷ ପ୍ରଶାସକ । ସେ ତାଙ୍କ ପିତାଙ୍କ ଲେଖା, ପୁସ୍ତକ, କାର୍ଯ୍ୟ ଓ ଆଲୋଚନାରୁ ବିଦେଶନୀତିର ସୂତ୍ରକୁ ନିଜ ପରିବାରରୁ ଶିକ୍ଷା କରିଥିଲେ । ତାଙ୍କ ପିତା ୧୯୫୧ର ପ୍ରଥମ ବ୍ୟାଚ ଆଇଏଏସ୍ ଥିଲେ । ପରବର୍ତ୍ତୀ କାଳରେ ସେ ଭାରତର ଜଣେ ପ୍ରସିଦ୍ଧ ସୁରକ୍ଷା ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ । ଭାରତର ପରମାଣୁ ନୀତିର ସେ ଥିଲେ ପ୍ରବକ୍ତା । ଭାରତର ସୁରକ୍ଷା ଏବଂ ବିଦେଶନୀତିକୁ ନେଇ ସେ ପାଞ୍ଚଗୋଟି ପୁସ୍ତକ ରଚନା କରିଥିଲେ । ଭାରତ ପରମାଣୁ ଶକ୍ତିସଂପନ୍ନ ହେବା ସପକ୍ଷରେ ସେ ବାରମ୍ବାର ନିଜ ସ୍ତମ୍ଭରେ ଲେଖି ଆସୁଥିଲେ । ସେ କାରଗିଲ ସମୀକ୍ଷା କମିଟିର ଅନୁସନ୍ଧାନ ଦାୟିତ୍ୱରେ ରହିଥିଲେ । ଭାରତ-ଆମେରିକା ବେସାମରିକ ପରମାଣୁ ବୁଝାମଣା (୨୦୦୭) ସପକ୍ଷରେ ସେ ବାରମ୍ବାର ଯୁକ୍ତି ବାଢିଥିଲେ । ଆଇଏଏସ୍ ଅଧିକାରୀ ବିଜୟ କୁମାର, ଐତିହାସିକ ସଞ୍ଜୟ ସୁବ୍ରମଣ୍ୟମ ତାଙ୍କର ଅନ୍ୟ ଦୁଇ ପୁତ୍ର । ପିତାଙ୍କ ପରି ପୁତ୍ର ଜୟଶଙ୍କର ମଧ୍ୟ ଆଜି ଭାରତର ବିଦେଶ ନୀତିର ମୁଖ୍ୟ ରଣନୀତିକାର ହୋଇଛନ୍ତି । ନିଜ ପିତାଙ୍କ ପରି ଜୟଶଙ୍କର ଅତି ସ୍ପଷ୍ଟ ଭାବେ ଭାରତର ବିଦେଶନୀତିକୁ ଅନ୍ୟକୁ ବୁଝାଇବାରେ ସକ୍ଷମ ହୋଇଛନ୍ତି ।

ଆଜି ଭାରତ ଗୋଟିଏ ସମୟରେ କ୍ୱାଡ ଏବଂ ବ୍ରିକ୍ସ ପରି ଗୋଷ୍ଠୀର ସଦସ୍ୟ ରହିଛି । ଗୋଟିଏରେ ଆମେରିକା, ଜାପାନ ଥିଲାବେଳେ ଅନ୍ୟଟିରେ ଚୀନ ଓ ରୁଷିଆ ରହିଛନ୍ତି । ଆମେରିକା ଏବଂ ୟୁରୋପ ନିଜସ୍ୱ ସ୍ୱାର୍ଥପାଇଁ ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ସପକ୍ଷରେ ନାହାନ୍ତି । ଦୀର୍ଘଦିନ ଯୁଦ୍ଧକୁ ଚାଲୁରଖି ଯୁଦ୍ଧାସ୍ତ୍ର ବିକ୍ରି କରି ଭିନ୍ନ ଭିନ୍ନ ଦେଶରୁ ଲାଭ ଉଠାଇବା କଥା ଆମେରିକା ଏବଂ ୟୁରୋପର ଦେଶ ଚିନ୍ତା କରୁଥିଲା ବେଳେ ୟୁକ୍ରେନ ଏବଂ ରୁଷବାସୀଙ୍କ ପାଇଁ ଭାରତ ଔଷଧପତ୍ର ପଠାଇବାରେ ଲାଗିଛି । ଯୁଦ୍ଧ ବନ୍ଦ କରିବା ପାଇଁ ଦୁଇପକ୍ଷଙ୍କୁ ଆହ୍ୱାନ ମଧ୍ୟ ଦେଇଛି । ଯୁଦ୍ଧ ଚାଲୁରହିବା ଯୋଗୁ ବିଶ୍ୱରେ ତୈଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଦର ବଢିବାରେ ଲାଗିଛି । ଆମେରିକା-ୟୁରୋପ ସବୁଠି ଯୁଦ୍ଧର ପରିଣାମ ସଂକ୍ରାନ୍ତରେ କହି ସମର୍ଥନ ଲାଭ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ବନ୍ଦ କରିବାକୁ ଆଲୋଚନା କରୁନାହାନ୍ତି । ତେଣୁ ଆମେରିକା, ୟୁରୋପର ରାଷ୍ଟ୍ରମାନଙ୍କୁ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଜବାବ କଷ୍ଟକର ଲାଗିବ ନିଶ୍ଚୟ । ୟୁକ୍ରେନର ଯୁଦ୍ଧକୁ ନେଇ ଭାରତକୁ ଘେରିବାକୁ ବନ୍ଦ କରିବା ଦରକାର ବୋଲି ସେ ପରୋକ୍ଷରେ ପ୍ରକାଶ କରିଥିଲେ । ପାଶ୍ଚାତ୍ୟ ଜଗତର ପ୍ରବଞ୍ଚନା ବିରୋଧରେ ଜୟଶଙ୍କରଙ୍କ ଜବାବ ବହୁତ କିଛି କହିଥାଏ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଅନନ୍ୟା ନାରୀ ସୀତା



ରାମାୟଣର ନାରୀ ଚରିତ୍ରମାନଙ୍କ ଭିତରେ ସୀତା ଜଣେ ସ୍ୱୟଂସମ୍ପୂର୍ଣ୍ଣା ନିଷ୍କଳଙ୍କ ଏବଂ ଜ୍ୟୋତିର୍ମୟୀ ନାରୀ । ଜୀବନର ବହୁ ଘାତ ପ୍ରତିଘାତ ମଧ୍ୟରେ ଜଣେ ଆଦର୍ଶ ହିନ୍ଦୁ ନାରୀ ଭାବରେ ତାଙ୍କର ଆବିର୍ଭାବ ଘଟିଛି । ସୀତାଙ୍କ ଚରିତ୍ରକୁ ଆଦିକବି ବାଲ୍ମୀକି ନାନା ଦିଗରୁ ଅନୁଧ୍ୟାନ ଓ ଅନୁଶୀଳନ କରି ରୂପ ଦେଇଛନ୍ତି । ମନୁଷ୍ୟ ଜୀବନରେ ନାରୀର ଭୂମିକାର ସମସ୍ତ ଦିଗ ଏହି ଚରିତ୍ରଟିରେ ପ୍ରତିଫଳିତ । ଅନୁପମ ସୌନ୍ଦର୍ଯ୍ୟର ଅଧିକାରିଣୀ ଏହି ନାରୀଙ୍କର ପାଣିଗ୍ରହଣ କରିବା ପାଇଁ ବହୁ ରାଜପୁରୁଷ ଅଭିଳାଷ ପୋଷଣ କରିଥିଲେ । କିନ୍ତୁ ବିଶାଳ ଶିବଧନୁ ଭଙ୍ଗ କରିଥିବା ଅପ୍ରତିଦ୍ୱନ୍ଦୀ ନାୟକଙ୍କୁ ହିଁ ମହାରାଜା ଜନକ ତାଙ୍କ କନ୍ୟା ସୀତାଙ୍କୁ ଉପହାର ରୂପେ ଅର୍ପଣ କରିଥିଲେ । ଶ୍ରୀରାମ ଓ ସୀତାଙ୍କ ବନଗମନ ପୂର୍ବରୁ ଅଯୋଧ୍ୟାରେ ଯେଉଁ ଦ୍ୱାଦଶ ବର୍ଷ ସେମାନେ ବୈବାହିକ ଜୀବନ ଯାପନ କରିଥିଲେ ସେ ବିଷୟରେ ବାଲ୍ମୀକି ରାମାୟଣରୁ ବିଶେଷ କିଛି ମିଳେ ନାହିଁ । ତେବେ ଅନୁମାନ କରାଯାଇ ପାରେ ଯେ ସେମାନେ ବେଶ ସୁଖ ଓ ପରସ୍ପର ପ୍ରତି ସ୍ନେହଶୀଳ ଦମ୍ପତି ଥିଲେ ।

ଯେ କୌଣସି ବ୍ୟକ୍ତିଙ୍କ ଚରିତ୍ରର କଷଟି ହେଉଛି ତାଙ୍କ ଜୀବନର ଦୁଃସମୟ । ଜୀବନରେ ନିରାପତ୍ତାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିବା ନାରୀ ଜୀବନରେ ଏଭଳି ସମୟ ଆହୁରି ଗୁରୁତ୍ୱପୂର୍ଣ୍ଣ । ତେବେ ସୀତା ଏକ ଗୌରବମଣ୍ଡିତ ବ୍ୟତିକ୍ରମ । ଦୁଃଖରେ ହେଉ ବା ସୁଖରେ ହେଉ, ବିପଦରେ ହେଉ ବା ସମ୍ପଦରେ ହେଉ ଯେ କୌଣସି ପରିସ୍ଥିତିରେ ସ୍ୱାମୀଙ୍କ ସହ ଅବିଚ୍ଛେଦ୍ୟ ଜୀବନ କଟାଇବା ହିଁ ତାଙ୍କ ଜୀବନର ବ୍ରତ ଥିଲା । ପିତୃସତ୍ୟ ପାଳନ ନିମନ୍ତେ ଶ୍ରୀରାମ ବନଗମନ ପାଇଁ ଉଦ୍ୟତ ହୁଅନ୍ତେ ସୀତା ମଧ୍ୟ ତାଙ୍କ ସହ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । ସୀତାଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଶ୍ରୀରାମ ଚେଷ୍ଟା କରିଥିଲେ । ଶ୍ରୀରାମ ଓ ସୀତାଙ୍କ ମଧ୍ୟରେ ସେତେବେଳେ ଯେଉଁ କଥୋପକଥନ ହୋଇଥିଲା ସେଥିରୁ ହିଁ ସୀତାଙ୍କ ବ୍ୟକ୍ତିତ୍ୱର ଅନ୍ତର୍ନିହିତ ଶକ୍ତି ପ୍ରକାଶିତ ହୋଇଥାଏ । ଆରଣ୍ୟକ ଜୀବନର ଦୁଃଖ କ୍ଲେଶ କଥା ଶ୍ରୀରାମ ବର୍ଣ୍ଣନା କରି କହିଛନ୍ତି - କିନ୍ତୁ ସୀତା ସେ ସବୁରେ ଡରି ଯାଇ ନାହାନ୍ତି । ସ୍ୱାମୀଠାରୁ ଦୂରରେ ଜଣେ ଆଦର୍ଶ ସହଧର୍ମିଣୀ ରହି ନପାରେ । ଶ୍ରୀରାମ ବନଚାରୀ ହେଲେ ସେ କିଭଳି ଅନ୍ତଃପୁରବାସିନୀ ହୋଇ ରହିବେ । ସ୍ୱାମୀଙ୍କ ସହ ସେ ଏକପ୍ରାଣ । ଶ୍ରୀରାମଙ୍କ ପ୍ରବଚନ ଶୁଣି ମଧ୍ୟ ସେ ବନଗମନରୁ ନିବୃତ୍ତ ହୋଇନାହାନ୍ତି । ବରଂ କୌତୁକ କରି କହିଛନ୍ତି, "ମୋ ପିତାଙ୍କ କଥା ମନେ ପଡୁଛି । ଚତୁର୍ଦ୍ଦଶ ଭୁବନ ଖୋଜି ଖୋଜି ମୋ ପାଇଁ ସେ ପରିଶେଷରେ ଆପଣଙ୍କ ଭଳି ବରଟିଏ ପାଇଲେ । ସର୍ବଶ୍ରେଷ୍ଠ ପୁରୁଷଙ୍କୁ ମୋ ପାଇଁ ଆଣି ଦେଲେ ବୋଲି ସେ ଯଦି ଭାବୁଥାଆନ୍ତି ତେବେ ସେ ନିର୍ବୋଧ । ସେ ପାଇଲେ ଜଣେ ନାରୀ, ପୁରୁଷ ବେଶ ଧରିଥିବା ଜଣେ ଡରକୁଳା ନାରୀ ।"

ଶ୍ରୀରାମ ଏଥିରେ ନିଜକୁ ଆଦୌ ଅପମାନିତ ମନେ କରି ନାହାନ୍ତି, ବରଂ ସୀତାଙ୍କ ସାହସ ଓ ଗଭୀର ସ୍ନେହ ପାଇଁ ତାଙ୍କୁ ବଧେଇ ଜଣାଇଛନ୍ତି । ସେ ସୀତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ କେବେ ତାଙ୍କ ଠାରୁ ଦୂରରେ ରହିବେ ନାହିଁ । ଅବଶ୍ୟ ମହାପରାକ୍ରମୀ ଯୋଦ୍ଧା ଶ୍ରୀରାମ ଏକା ଏକା ଖର ଓ ଦୂଷଣଙ୍କ ୧୪୦୦୦ ରାକ୍ଷସ ସୈନ୍ୟଙ୍କୁ ପରାସ୍ତ କରି ସୀତାଙ୍କ ଉପହାସର ଯଥାର୍ଥ ଉତ୍ତର ପରବର୍ତ୍ତୀ ସମୟରେ ଦେଇଛନ୍ତି ।

ସୀତା କେବଳ ଅସୀମ ସାହସୀନ ନଥିଲେ । ସର୍ବଦା ସତର୍କ ରହି ନିଜ ବିଚାର ବୁଦ୍ଧି ଓ ବିବେକ ଅନୁସାରେ ଆବଶ୍ୟକତା ପଡ଼ିଲେ ସେ ସମାଲୋଚନା କରିବାକୁ ପଛଘୁଞ୍ଚା ଦେଉ ନଥିଲେ । ଚିତ୍ରକୂଟରେ ଋଷିମାନେ ଆସି ଶ୍ରୀରାମଙ୍କୁ ଅନୁରୋଧ ଜଣାଇଲେ, ରାକ୍ଷସମାନଙ୍କ ଉପଦ୍ରବରୁ ସେମାନଙ୍କୁ ରକ୍ଷା କରିବା ପାଇଁ । ଶ୍ରୀରାମ ସେମାନଙ୍କୁ ଅଭୟ ପ୍ରତିଶ୍ରୁତି ଦେଇ କହିଲେ ଯେ ସେ ଉପଦ୍ରବକାରୀ ରାକ୍ଷସକୁଳ ସମୂଳେ ଧ୍ୱଂସ କରିଦେବେ । ଏତିକିବେଳେ ସୀତା ତାଙ୍କ ଦୂରଦୃଷ୍ଟି ଓ ମନନଶୀଳତାର ପରିଚୟ ଦେଇଛନ୍ତି । ଋଷିମାନଙ୍କୁ ପ୍ରତିଶ୍ରୁତି ଦେବାର ଔଚିତ୍ୟ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ରାକ୍ଷସମାନେ ଶ୍ରୀରାମଙ୍କ ପ୍ରତି କୌଣସି ବୈରଭାବ ଦେଖାଇ ନଥିଲେ ହେଁ କେବଳ ଋଷିମାନଙ୍କ କଥାରେ ପଡ଼ି ଶ୍ରୀରାମ କାହିଁକି ଯୁଦ୍ଧକୁ ଯିବେ, ଏହାହିଁ ତାଙ୍କର ପ୍ରଶ୍ନ । ସୀତାଙ୍କ ଯୁକ୍ତିରେ ଏକମତ ହୋଇନଥିଲେ ହେଁ ତାଙ୍କ ପରାମର୍ଶ ଶୁଣି ଶ୍ରୀରାମ ଅତ୍ୟନ୍ତ ପ୍ରୀତ ହୋଇଥିଲେ ।

ସୀତାଙ୍କୁ ରାବଣ ଅପହରଣ କରି ନେଲାପରେ ସୀତା ବିରହରେ ଶ୍ରୀରାମଙ୍କ ଶୋକ ଓ ଅନ୍ୟ ପକ୍ଷରେ ସୀତାଙ୍କ ବିଳାପ - ଏହାର ବର୍ଣ୍ଣନା ବାଲ୍ମୀକି ଯେଉଁ ଭାବରେ ଦେଇଛନ୍ତି ସେଥିରୁ ସୀତାଙ୍କ ଆଦର୍ଶ ପତ୍ନୀତ୍ୱ ଫୁଟି ଉଠୁଛି । ଶ୍ରୀରାମଙ୍କ ଠାରୁ ବିଚ୍ଛିନ୍ନ ରହିବା ଅବସ୍ଥାରେ ତାଙ୍କ ବ୍ୟତୀତ ସୀତା ଅନ୍ୟ କିଛି ଭାବି ପାରୁ ନଥିଲେ । ଶ୍ରୀରାମ ହିଁ ଥିଲେ ତାଙ୍କର ଏକମାତ୍ର ଧ୍ୟେୟ । ସୀତାଙ୍କ ସହନଶକ୍ତି ଥିଲା ଅପାର । ଅଶୋକ ବନରେ ଦୀର୍ଘ ପ୍ରତୀକ୍ଷା ବେଳେ ମଧ୍ୟ ସେ ଶ୍ରୀରାମଙ୍କ ଅଭୟ ହସ୍ତର ପରାକ୍ରମ ଉପରେ ଆସ୍ଥା ହରାଇ ନଥିଲେ । ହନୁମାନଙ୍କ ଉକ୍ତିରୁ ହିଁ ଜଣାଯାଉଛି ସୀତାଙ୍କର ଏକ ନିଷ୍ଠତା । ଶ୍ରୀରାମ ମଧ୍ୟ ବିଚ୍ଛେଦ କାଳରେ ନିରନ୍ତର ସୀତାଙ୍କ କଥା ହିଁ ଚିନ୍ତା କରୁଥିଲେ ।



ସୀତା ନାନା ପ୍ରଲୋଭନ ସତ୍ତ୍ୱେ ରାବଣର ଲାଳସା ଚରିତାର୍ଥ କରିନଥିଲେ । ରାବଣ ଓ ସୀତାଙ୍କ କଥୋପକଥନରୁ ଏହା ସ୍ପଷ୍ଟ । ଚତୁର ଖଳନାୟକ ରାବଣ ତା'ର ସବୁ କୌଶଳ ପ୍ରୟୋଗ କରିଛି । ସେ ସୀତାଙ୍କୁ ନାନା ଚାଟୁବାକ୍ୟ ଶୁଣାଇଛି, ସ୍ନେହକାଙ୍ଗାଳ ରୂପରେ ଭିକ୍ଷୁକ ସାଜିଛି, ଅନୁଚରୀ ତଥା ଦାସୀମାନଙ୍କ ଦ୍ୱାରା ତାଙ୍କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରିଛି - ଏବଂ ଏ ସବୁଥିରେ ବିଫଳ ହେବା ପରେ ପ୍ରାଣରେ ମାରିଦେବାକୁ ଧମକ ଦେଇଛି । କିନ୍ତୁ କୌଣସି ପ୍ରକାରେ ସୀତାଙ୍କୁ ଆଦର୍ଶଚ୍ୟୁତ କରିପାରି ନାହିଁ । ସୀତା ନିର୍ଭୀକ ଭାବରେ ରାବଣକୁ ଭର୍ତ୍ସନା କରି କହିଛନ୍ତି - "ଲଙ୍କାରେ କ'ଣ କେହି ସାଧୁ ବ୍ୟକ୍ତି ନାହାନ୍ତି, ଯେଉଁମାନେ ସଚ୍ଚରିତ୍ର ତୁମକୁ ଅନୁପ୍ରାଣିତ କରିପାରନ୍ତା? ନିଶ୍ଚୟ ସେଭଳି ବ୍ୟକ୍ତି ଅନେକ ଥିବେ । ମୋର ସନ୍ଦେହ ହୁଏ, ତୁମେ ସେମାନଙ୍କୁ ଅନୁସରଣ କରୁନାହଁ ।"

ନିଜ ଧର୍ମପତ୍ନୀଙ୍କ ଠାରେ ହିଁ ସମସ୍ତ ଦୈହିକ ଲାଳସା ଚରିତାର୍ଥ କରିବା ପାଇଁ ସେ ରାବଣକୁ ପରାମର୍ଶ ଦେଇଛନ୍ତି, ତତ୍ ସଙ୍ଗେ ସଙ୍ଗେ ପରଦାର ଗମନର ଭୟାବହତା ସଂପର୍କରେ ମଧ୍ୟ ସତର୍କ କରାଇ ଦେଇଛନ୍ତି । ଶ୍ରୀରାମଙ୍କ ନିକଟରେ ତାଙ୍କୁ ପ୍ରତ୍ୟର୍ପଣ କରି ନିଜକୁ ଦୋଷମୁକ୍ତ କରିବା ପାଇଁ ମଧ୍ୟ ସେ ରାବଣକୁ ସଦୁପଦେଶ ଦେଇଛନ୍ତି । ଏଥିରୁ ହିଁ ପାପାଚାରୀଙ୍କ ପ୍ରତି ସୀତାଙ୍କ ସକରୁଣ ଭାବର ପରିଚୟ ମିଳେ । ଅଜ୍ଞାନ ରାକ୍ଷସୀମାନଙ୍କୁ ପ୍ରାଣରେ ମରିବା ପାଇଁ ଉଦ୍ୟତ ହନୁମାନଙ୍କୁ ସେଥିରୁ କ୍ଷାନ୍ତ କରାଇ ମଧ୍ୟ ସୀତା ତାଙ୍କୁ କରୁଣାର ପରିଚୟ ଦେଇଛନ୍ତି ।

ଲଙ୍କା ଯୁଦ୍ଧ ପରେ ସୀତା କେଉଁ ପରିସ୍ଥିତିରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୋଇଥିଲେ ତାହା ପ୍ରତ୍ୟେକ ରାମାୟଣ ପାଠକଙ୍କୁ ଜଣା । ରାବଣର ରାଜ୍ୟରେ ଦଶମାସ ରହିଥିବା 'ଅପରାଧ'ରେ ଏବଂ ଲୋକନିନ୍ଦା ଯୋଗୁଁ ତାଙ୍କୁ ସ୍ୱାମୀଙ୍କ ଦ୍ୱାରା ହିଁ ନିର୍ବାସିତା ହେବାକୁ ପଡ଼ିଥିଲା । ଏହି ପରୀକ୍ଷା ଦେଇ ମଧ୍ୟ ସେ ଅବଶେଷରେ ଏଥିରେ ଉତ୍ତୀର୍ଣ୍ଣ ହୋଇ ନିଜ ଚରିତ୍ରକୁ ଅଧିକ ପ୍ରୋଜ୍ଜ୍ୱଳ କରିଛନ୍ତି । ସୀତା ଚରିତ୍ରର ମହିମାଗାନ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ କହିଛନ୍ତି, "ସୀତା ଅଦ୍ୱିତୀୟା, ଏଭଳି ଆଉ ଏକ ଚରିତ୍ର ସୃଷ୍ଟି କରାଯାଇ ନପାରେ । ରାମ ହୁଏତ ଅନେକ ହୋଇଥିବେ । କିନ୍ତୁ ସୀତା ଆଉ ଦ୍ୱିତୀୟ ଜଣେ କେହି ହୋଇ ନ ପାରନ୍ତି । ସେ ଥିଲେ ଭାରତୀୟ ନାରୀର ଏକମାତ୍ର ବାସ୍ତବ ନିଦର୍ଶନ । ସେହି ଏକମାତ୍ର ସୀତାଙ୍କ ଜୀବନ ଭିତରୁ ହିଁ ଏକ ନିଷ୍କଳଙ୍କ ନାରୀର ସମସ୍ତ ଭାରତୀୟ ଆଦର୍ଶ ଜନ୍ମ ନେଇଛି । ଆମର ସବୁ ପୁରାଣ ହୁଏତ ଦିନେ ଲୋକ ପାଇ ଯାଇପାରନ୍ତି, ବେଦ ବିସ୍ମୃତ ହୋଇଯାଇପାରେ, ଆମ ସଂସ୍କୃତ ଭାଷା ମଧ୍ୟ ଚିରକାଳ ପାଇଁ ଉଭେଇ ଯାଇପାରେ ; କିନ୍ତୁ ଅତି ସାଧାରଣ ଗାଉଁଲି ଭାଷାରେ କଥାବାର୍ତ୍ତା କରୁଥିବା କେତେକ ଉତ୍ତମ ହିନ୍ଦୁ ଏ ପୃଥିବୀ ପୃଷ୍ଠରେ ଜୀବିତ ଥିବା ଯାଏଁ ସୀତାଙ୍କ ଅମର ଅମୃତ ଗାଥା ଜୀବନ୍ତ ରହିବ - ସୀତା ଆମ ବଂଶପରମ୍ପରାର ଅସ୍ଥିମଜ୍ଜାଗତ । ପ୍ରତ୍ୟେକ ହିନ୍ଦୁ ନରନାରୀଙ୍କ ପ୍ରତି ରକ୍ତ କଣିକାରେ ସେ ଚିର ପ୍ରବାହିତ । ସେହି ମହନୀୟା ଦେବୀ ସୀତାଙ୍କର ସନ୍ତାନ ଆମେ ସଭିଏଁ ।"

**ଉମାଶଙ୍କର ପ୍ରସାଦ**, ମେନ୍ ରୋଡ଼, ଭଗତ୍ ଲେନ୍, ଖୋରଧା




# 'ନଈ ଆରପାରି ଜହ୍ନ' କବିତା ପୁସ୍ତକ ଉନ୍ମୋଚିତ



ଯାଜପୁର,(ପି.ଏନ) :ଯାଜପୁର ମଙ୍ଗଳପୁର ନାରୀଗାଁ ଚନ୍ଦନଶ୍ରୀକ୍ଷେତ୍ର ସ୍ଥିତ ଜଗନ୍ନାଥ ସେବାସଂସ୍ଥା ପକ୍ଷରୁ ଏକ ସାରସ୍ୱତ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର ଶଶଧର ମେଦିନୀସିଂ ମହାପାତ୍ରଙ୍କ କବିତା ପୁସ୍ତକ 'ନଈ ଆରପାରି ଜହ୍ନ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ସାହିତ୍ୟିକ ଅଧ୍ୟାପକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ପ୍ରାଣ ସଂସ୍କୃତି ଅନୁରାଗୀ ବିଜୟ କୁମାର ସାହୁ ଯୋଗଦାନ କରି ଗ୍ରାମାଞ୍ଚଳ ସାହିତ୍ୟ ମଧ୍ୟ ବିଶ୍ୱ ପାଇଁ ବୃହତ ବା□। ପ୍ରଦାନ କରିପାରିବ ବୋଲି ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଜୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ କବି ଡକ୍ଟର ଆଲୋକ ରାୟ, ସୁଲେଖିକା ଅନିତା ରାୟ, ଅଧ୍ୟାପକ ଦାମୋଦର ବେହେରାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଅଛି । ଅନ୍ୟପକ୍ଷରେ ନିର୍ଭିକ ସାମ୍ବାଦିକତା ତଥା ସମାଜମଙ୍ଗଳ ର ବିଭିନ୍ନ କ୍ଷେତ୍ରରେ ସମର୍ପିତ ହୋଇ କାର୍ଯ୍ୟ କରୁଥିବା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ତଥା ମା'ବିରଜା ଟିଭିର ମୁଖ୍ୟ ସମ୍ପାଦକ ହରିହର ସ୍ୱାଇଁ ଓ ମାନବାଧିକାର କର୍ମୀ ତଥା ସମାଜସେବୀ ଅଭିଜିତ ଦୀକ୍ଷିତଙ୍କୁ ଏହି ସମାରୋହରେ ଅତିଥି ଭାବେ ଯୋଗଦେବା ସହିତ ସମ୍ବର୍ଦ୍ଧିତ କରାଯାଇଅଛି । କାର୍ଯ୍ୟକ୍ରମରେ ଜଗନ୍ନାଥ ସେବାସଂସ୍ଥାର ସଭାପତି ପ୍ରମୋଦ କୁମାର ସ୍ୱାଇଁ ବକ୍ତବ୍ୟ ରଖିବା ସହିତ ଆଇନଜୀବୀ ସନ୍ତୋଷ କୁମାର ଦାସ, ଅମୀୟ ଧମଳ ପ୍ରମୁଖ ଉତ୍ସବର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଜେପି ନେତା ବିଜୟ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଭିତରସୁବଳା ଗ୍ରାମର ବିଜୟ କୁମାର ପ୍ରଧାନଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ କବୟିତ୍ରୀ ଅବନ୍ତୀ ବେହେରା, ବିଜେପି ନେତା ଦିଲ୍ଲିପ ଦାଶ, ଶ୍ରମିକ ନେତା ଫକୀର ଚରଣ ଖଟୁଆ, ସାମ୍ବାଦିକ ନାରାୟଣ ସାହାଣୀ, ଆଇନଜୀବୀ ଆଶିଷ ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେଗ୍ରେସ ନେତା ପ୍ରଫୁଲ୍ଲ ଦାସ,ସାମ୍ବାଦିକ ଚି□ରଞ୍ଜନ ଦାସ, ଆଇନଜୀବୀ ସରୋଜରାଜ ସିଂ, ଗୋଲଖ ପଢିଆରୀ, ରଣଧୀର ଜେନା, ଶୈଳବାଳା ସାମଲ, ମୁକ୍ତାର ଖାଁ, ଗୋପାଳକୃଷ୍ଣ ଜେନା, ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂ, ସାମ୍ବାଦିକ ଅମରବର ବିଶ୍ୱାଳ, ଯଶ୍ମିନ ପରଓ୍ୱିନ, ସେକ ସୌକତ ଖାନ, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ନାୟକ, ସେକ ସାମବାବୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦଗତି କାମନା କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସୁଶ୍ରୀ ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସସିବି ଆଉଟ୍ ଡୋରରେ ଅନଲାଇନ୍ ଟିକେଟ୍ ବୁକିଂ ସେବା ଆରମ୍ଭ

ଭୁବନେଶ୍ୱର, ୦୯ ମଇ କଟକ ଏସସିବି ଆଉଟ୍ ଡୋରରେ ସୋମବାର ଠାରୁ ଅନଲାଇନ୍ ଟିକେଟ୍ ବୁକିଂ ସେବା ଆରମ୍ଭ ହୋଇଛି । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଇସ୍ୱାସ୍ଥ୍ୟ ଡଟ୍ ଓଡିଶା ହଟ୍ ଜିଓଭି ଡଟ୍ ଇନ୍ ରେ ପଞ୍ଜିକରଣ କରି ସିଧାସଳଖ ଆଉଟ ଡୋର ଟିକେଟର ପ୍ରିଂଟ ବାହାର କରି ପାରିବେ । ସେହି ପ୍ରିଂଟଆଉଟ୍ କୁ ଧରି ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ସେବା ପାଇପାରିବେ । ଏସସିବି ମେଡିକାଲର ଆଉଟ ଡୋର ଟିକେଟ କାଉଂଟରରେ ଲୋକ ମାନଙ୍କୁ ସୁବିଧା ପ୍ରଦାନ କରିବା ସହ ଭିଡ଼ କମ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ଦ୍ୱିତୀୟ କର୍ପୋରେଟ ଦିବାରାତ୍ର କ୍ରିକେଟ ମ୍ୟାଚ୍ ଉଦଯାପିତ

ପାରାଦ୍ୱୀପ,(ପି.ଏନ):ପାରାଦ୍ୱୀପ ବନ୍ଦର ତରଫରୁ ଆୟୋଜିତ ଦ୍ୱିତୀୟ ଦିବାରାତ୍ର କର୍ପୋରେଟ କ୍ରିକେଟ ମ୍ୟାଚ୍‌ର ଫାଇନାଲ ମ୍ୟାଚ୍ ଆଜି ଆୟୋଜକ ପାରାଦ୍ୱୀପ ବନ୍ଦର ଓ ପି ପି ଏଲ ମଧ୍ୟରେ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଆୟୋଜିତ ହୋଇଥିଲା. ପ୍ରଥମେ ବ୍ୟାଟିଂ କରି ପାରାଦ୍ୱୀପ ବନ୍ଦର ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୧୧ ରନ କରିଥିଲା. ଜବାବରେ ପି ପି ଏଲ ୯ ଉଇକେଟ ହରାଇ ମାତ୍ର ୧୫୨ ରନ କରି ପାରିଥିଲା. ପାରାଦ୍ୱୀପ ବନ୍ଦର ମ୍ୟାଚ୍‌ଟିକୁ ୫୯ ରନ ରେ ଜିତି ନେଇଥିଲା. ପାରାଦ୍ୱୀପ ବନ୍ଦର ତରଫରୁ ଅମିତ ସାହୁ ୮୪ ରନ କରିଥିଲେ ଯେଉଁଥିରେ ୧୦ ଟି ଛକା ସାମିଲ ଥିଲା. ଉଦଯାପନୀ ସନ୍ଧ୍ୟାରେ ବନ୍ଦର ଅଧକ୍ଷ ପି ଏଲ ହରନାଧ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପାରାଦ୍ୱୀପ ବନ୍ଦରକୁ ଚ୍ୟାମ୍ପିୟନ ଓ ପି ପି ଏଲ କୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ. ଏହି ପ୍ରତିଯୋଗିତାରେ ପାରାଦ୍ୱୀପ ବନ୍ଦରର ଅମିତ ସାହୁ ଏକକାଳୀନ ଭାବେ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ, ବେଷ୍ଟ ବ୍ୟାଟ୍‌ସ୍‌ମ୍ୟାନ ଓ ସର୍ବାଧିକ ଛକା ମାରିବା ପୁରସ୍କାର ଲାଭ କରିଥିଲେ. ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଉପାଧକ୍ଷ ଏ କେ ବୋଷ, ଅର୍ଥପରାମର୍ଶଦାତା ଡି ଏନ ସୋନ୍ଧି, କୋଷ୍ଟଗାର୍ଡ ଡି ଆଇ ଜି ଓ୍ୱାଇ କେ ସିଂ ଉପସ୍ଥିତ ଥିଲେ. କାର୍ଯ୍ୟକ୍ରମକୁ କ୍ରୀଡା ସଂସଦର ସେକ୍ରେଟାରୀ ରଶ୍ମି ବେଉରା ପରିଚ୍ାଳନା କରିଥିବାବେଳେ ପରମାର୍ସଦାତା ରବି ଦାସ ଧନ୍ୟବାଦ ଦେଇଥିଲେ. ଏହି ପ୍ରତିଯୋଗିତାରେ ପାରାଦ୍ୱୀପର ୧୨ ଗୋଟି ଦଳ ଭାଗ ନେଇଥିଲେ ।

## ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ.): କେନ୍ଦ୍ରାପଡାର ଗରାପୁରସ୍ଥିତ ବିଶ୍ୱ ଦିବ୍ୟଜୀବନ ସଙ୍ଘର ସ୍ରଷ୍ଟା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ପଟ୍ଟଶିଷ୍ୟା ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପରମ ଶିଷ୍ୟା ତଥା ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ କେନ୍ଦ୍ରାପଡାର ସଭାପତି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ୬୨ତମ ଜନ୍ମଜୟନ୍ତୀ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ପବିତ୍ର ସୀତାନବମୀ ଅବସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆଶ୍ରମର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସହଯୋଗରେ ମଙ୍ଗଳବାର ପ୍ରାତଃରୁ ସତସଙ୍ଗ, ନଗର ପରିକ୍ରମା, ଗୁରୁପାଦ ପୂଜା, ରୁଦ୍ରାଭିଷେକ କରାଯିବା ସହ ଶ୍ରୀବଳଦେବଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପୂର୍ବାହ୍ନ ୧୦ଟାରେ ଡଃ. କାଳି ପ୍ରସନ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଶ୍ରୀମା'ଙ୍କର ଭାଗବତ ତଥା ସେବାନିଷ୍ଠ ଜୀବନଚର୍ଯ୍ୟା ଆଧାରିତ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ସାହିତ୍ୟିକ ଡଃ. ବାସୁଦେବ ଦାସ, ପ୍ରାଧ୍ୟାପକ ଭଗବାନ ପତ୍ରୀ, ପ୍ରାଧ୍ୟାପକ ଡଃ. ସର୍ବେଶ୍ୱର ସେଣ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପୌରାଧକ୍ଷା ସରିତା ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଡଃ. ବଳରାମ ଲେଙ୍କା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀମାଙ୍କ ସାଧନା, ଆଧ୍ୟାତ୍ମିକ ଜୀବନଶୈଳୀ ତଥା ସେବାନିଷ୍ଠ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆଶ୍ରମରୁ ପ୍ରକାଶିତ ଆଧ୍ୟାତ୍ମିକ ପୁସ୍ତକ 'ଦିବ୍ୟ ଚେତନା' ଓ 'ମାତୃ କୃପାହିଁ କେବଳମ' ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କେନ୍ଦ୍ରାପଡାର ଅଗ୍ରଣୀ ଅନୁଷ୍ଠାନ ବଳଦେବ ସେନା ପକ୍ଷରୁ ଶ୍ରୀମାଙ୍କୁ ମାନପତ୍ର, ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହାକୁ ବଳଦେବସେନାର ପପୁନ କୁମାର ସ୍ୱାଇଁ ଓ ଅମର କୁମାର ବାରିକ ପରିଚାଳନା କରିଥିଲେ । ଶ୍ରୀମାଙ୍କ ଜୟନ୍ତୀ ଅବସରରେ କେନ୍ଦ୍ରାପଡା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ବାଳକ ବିଭାଗ)ପକ୍ଷରୁ ସେବା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି, ସ୍ୱେଚ୍ଛାସେବୀ ଶଶି ପ୍ରସାଦ ମହାରଣା ଓ ରାଜେନ୍ଦ୍ର ଲେଙ୍କାଙ୍କ ଦ୍ୱାରା ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶ୍ରୀଧର କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଶ୍ରୀଧର ରାଉତ, ଶୈଳଜାଶଙ୍କର ସାମଲ, ଶରତ ଚନ୍ଦ୍ର ବରାଳ, ସ୍ନେହଲତା ପ୍ରଧାନ, ବୈଷ୍ଣବ ଚରଣ ବେହେରା, କେଦାର କୁମାର ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ଜେନା, ଗଗନ ସିଂହ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରାକ୍ତନ ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀମାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଶିବାନନ୍ଦ ଭଜନ ଗଙ୍ଗାର ସଂଗୀତଜ୍ଞ ସୁଶିଳ ସୂତାର, ସୌଭାଗିନୀ ମହାପାତ୍ର, କୈଳାସ ରାଉତ, ଗୋଲଖ ବରାଳଙ୍କ ଦ୍ୱାରା ଶ୍ରୀମାଙ୍କ ରଚିତ ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦ୍ରୌପଦୀ ରାଉତ, ସରୋଜ କୁମାର ମହାନ୍ତି, ଅନନ୍ତ ଲେଙ୍କା, ଶୈଳବାଳା ଦାଶ, ସୁପ୍ରଭା ପରିଡା, ଧୀରେନ୍ଦ୍ର ନାୟକ, ଶିବାନୀ, ଗୀତାଞ୍ଜଳୀ ସ୍ୱାଇଁ, ମଞ୍ଜୁଲତା ସ୍ୱାଇଁ ପ୍ରମୁଖଙ୍କ ଅନ୍ତେବାସୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଶେଷରେ ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମାଜସେବୀ କାଥରିନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ପୃଷ୍ଟପୋଷକ ତଥା ଆମେରିକାସ୍ଥିତ ଆଲାସ୍କା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ଦାସଙ୍କ ଧର୍ମପତ୍ନୀ ଏବଂ ଟ୍ରଷ୍ଟି କାଥରିନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କେନ୍ଦ୍ରାପଡାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପ୍ରତିବା ପୂଜା ସଂସଦ ଆନୁକୂଲ୍ୟରେ ମଙ୍ଗଳବାର କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ରେସଓ୍ୱା ସ୍ୱାଧାରଗୃହ, କଜଳାସ୍ଥିତ ମାନସିକ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ଅଯୋଦ୍ଧାନଗରସ୍ଥିତ ଦୃଷ୍ଟିବାଧିତ ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀମାନଙ୍କ ଗହଣରେ ସ୍ୱର୍ଗତା ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଫଟୋଚିତ୍ରରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥିସହିତ ଉପରୋକ୍ତ ୩ଟି ସଂସ୍ଥାର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତି, ସଂଯୋଜକ ଚି□ରଞ୍ଜନ ଦାସ, ଗୋଲଖ ପଢିଆରୀ, ସମାଜସେବୀ ପ୍ରଫୁଲ୍ଲ କୁମାର ଦାସ, ରେସଓ୍ୱା ସ୍ୱାଧାରଗୃହର ତତ୍ତ୍ୱାବଧାରିକା ମିନତୀ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ଓ୍ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ପା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ସନ୍ଥକବି ଭୀମଭୋଇ





ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

**ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସବି), ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ





ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ



କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି



ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ



ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ

ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ ।



କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର



ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ । ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି



ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦନ ବେହେରା, ଅନିଲ ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ,



ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

**—ଅଜିତ କୁମାର ମଲ୍ଲିକ**
**କୋଣାର୍କ, ମୋ: ୭୯୭୮୦୧୧୫୩୮**


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ରାସ୍ତାରେ ମୋବାଇଲ ଓ ବ୍ୟାଗ ଛଡାଇ ନେଉଥିବା ୩ ଲୁଟେରାଙ୍କ ସମେତ ୫ଗିରଫ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଦ୍ୱାରା ରାସ୍ତାରେ ମୋବାଇଲ ଓ ବ୍ୟାଗ ଛଡାଇ ନେଉଥିବା ୩ଲୁଟେରାଙ୍କ ସମେତ ୫ଜଣଙ୍କୁ ଗିରଫ ହୋଇଥିବା ଜଣାପଡିଛି। ଏହି ଉପଲକ୍ଷେ ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ଦ୍ୱାରା ଥାନା ପରିସରରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୃଷ୍ଟି କହିଥିଲେ ଯେ ଗତ କିଛିଦିନ ଧରି ଟାଉନ ଥାନା ଅଞ୍ଚଳ ସମେତ କେନ୍ଦ୍ରାପଡା ସଦର ଥାନା ଅଞ୍ଚଳର କେତେକ ସ୍ଥାନର ରାସ୍ତା ଉପରୁ କଲେଜପିଲାଙ୍କ ଠାରୁ ମୋବାଇଲ ଓ ବ୍ୟାଗ ଛଡାଇ ନେଉଥିବା ଏକ ଗ୍ୟାଙ୍ଗ ସକ୍ରୀୟ ହୋଇପଡିଥିଲା। ଏଭଳି ଅଭିଯୋଗ ବାରମ୍ବାର କେନ୍ଦ୍ରାପଡା ସଦର ଥାନା ଓ ଟାଉନ ଥାନାରେ ହେବା ପରେ ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନାର ସବଇନିସପେକ୍ଟର ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ହାବିଲଦାର ନରେନ୍ଦ୍ରନାଥ ସୋରେନଙ୍କ ସମେତ ଅନ୍ୟ ୩ଜଣଙ୍କୁ ନେଇ ଏକ ପୋଲିସ ଟିମ ଗଠନ କରାଯାଇଥିଲା। ସେହି ଟିମ ଗତ ୭ତାରିଖରେ କାକଟଲକ ନିକଟରେ ଜଣେ କଲେଜ ଛାତ୍ରୀଙ୍କ ଠାରୁ ବ୍ୟାଗ ଛଡେଇ ନେବା ମାମଲା ସମ୍ପର୍କରେ ସେହି ରାସ୍ତାରେ ଥିବା ଏକ ଘରୋଇ ସିସିଟିଭିର ଫୁଟେଜକୁ ଆଧାରକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ ପ୍ରଥମେ ଏହି ମୋବାଇଲ ଓ ବ୍ୟାଗ ଛଡାଇ ନେବା ଗ୍ୟାଙ୍ଗର ମୁଖ୍ୟ ଟାଉନ ଥାନା ଅନ୍ତର୍ଗତ ଟାଉନ ବଳରାମପୁର ଗ୍ରାମର ରମେଶ ବେହେରାଙ୍କ ପୁଅ କମଳାକାନ୍ତ ବେହେରା ଓରଫ କାଳିଆକୁ ଧରିବାକୁ ସକ୍ଷମ ହୋଇଥିଲା। ପରେ କାଳିଆକୁ ପଚରାଉଚରା କରିବା ପରେ ଅନ୍ୟ ୨ଜଣ ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବିଜୟ ସ୍ୱାଇଁଙ୍କ ପୁଅ ମୁରଲୀଧର ସ୍ୱାଇଁ(୧୯) ଓ ସେହି ଥାନା ଅନ୍ତର୍ଗତ ଚକଡା ଗ୍ରାମର ଜର୍ନାଦନ ସୁଆରଙ୍କ ପୁଅ ପ୍ରସନ୍ନଜିତ ସୁଆର ଓରଫ କପୁର(୧୮)ଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତମାନଙ୍କ ଠାରୁ ସୂଚନା ପାଇ ସେମାନଙ୍କ ଠାରୁ ମୋବାଇଲ କିଣିଥିବା ଅଭିଯୋଗରେ କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଆଳିଜଙ୍ଗା ଗ୍ରାମର ଧ୍ରେନ୍ଦ୍ର ନାଥ ନାୟକଙ୍କ ପୁଅ ରଞ୍ଜନ କୁମାର ନାୟକ(୨୫) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ଚକରପୁର ଗ୍ରାମର ବଳଭଦ୍ରନାଥ ଶର୍ମାଙ୍କ ପୁଅ ଚନ୍ଦନ ଶର୍ମା(୨୫)କୁ ଗିରଫ କରିଥିଲା। ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରିବା ପରେ ଜଣା ପଡିଥିଲା ଯେ ସେମାନେ କେନ୍ଦ୍ରାପଡା ସହରର ଟାଉନବଳରାମପୁର ନିକଟସ୍ଥ ଗ୍ରୀସଫିଲଡରେ ବସି ଏହିସବୁ ଲୁଟର ଯୋଜନା କରିଥାନ୍ତି। ପରେ ବିଭିନ୍ନ ସ୍ଥାନରେ ମୁଖ୍ୟତଃ କଲେଜ ପିଲାମାନଙ୍କୁ ଟାର୍ଗେଟ କରି ସେମାନଙ୍କ ଠାରୁ ମୋବାଇଲ ଓ ବ୍ୟାଗ ପ୍ରଭୃତି ଛଡାଇ ନେଇଥାନ୍ତି। ବ୍ୟାଗରେ ଥିବା ଅର୍ଥ ଏବଂ ମୋବାଇଲକୁ ବିକ୍ରୀକରି ସେହି ଅର୍ଥରେ ମଦ ପିଇଥାନ୍ତି ବୋଲି ଅଭିଯୁକ୍ତମାନେ ପୋଲିସକୁ କହିଥିବା ସୂଚନା ଦିଆଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ପ୍ରସନ୍ନଜିତ ନିକିରାଇ କଲେଜରେ +୨ କଳାର ପ୍ରଥମବର୍ଷ ଛାତ୍ର ହୋଇଥିବା ବେଳେ ଅନ୍ୟ ୨ଜଣ ଶ୍ରମିକ ଶ୍ରେଣୀର ବୋଲି ପୋଲିସ କହିଛି। ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଗୋଟିଏ ବାଜାଜ ଡିସ୍କଭର ବାଇକ(ନଂ- ଓଡି-୨୯ଏ-୨୧୧୧) ସମେତ ୭ଟି ମୋବାଇଲ ଫୋନ ଜବତ କରିଛି। ଏହି ଲୁଟ ଘଟଣାରେ ଟାଉନ ଥାନାରେ କେଶ ନମ୍ବର- ୭୫/୨୦୨୨ରେ ଆଇପିସିର ୩୭୯ଦଫାରେ ଏବଂ ୭୭/୨୦୨୨ରେ ଆଇପିସିର ଦଫା ୩୭୯ରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଅଭିଯୁକ୍ତମାନେ କେନ୍ଦ୍ରାପଡା ସଦର ଥାନା ଅଞ୍ଚଳରେ ଏଭଳି ଲୁଟ ହୋଇଥିବା ଅନ୍ୟ ୩ଟି ଘଟଣାରେ ମଧ୍ୟ ସଂପୃକ୍ତ ଥିବା ପୋଲିସ କହିଛି। ଏମାନଙ୍କର ଏକ ୭ଜଣିଆ ଗ୍ୟାଙ୍ଗ ଥିବା ବେଳେ ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ଶ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଏକ ଦିବସୀୟ ଦିବାରାତ୍ର ଇଗଲ କପ୍ କ୍ରିକେଟ୍ : ଚାର୍ଜ ଇଲେଭେନ୍ କଟକ ଚମ୍ପିୟାନ

ଖୋର୍ଦ୍ଧା,(ପି.ଏନ):ଦୀର୍ଘ ଦୁଇ ବର୍ଷ ପରେ ମହାକାରୀ କରୋନାର ପ୍ରକୋପ ସାମାନ୍ୟ କମିବା ପରେ ଆରମ୍ଭ ହୋଇ ଇଗଲ କପ୍ କ୍ରିକେଟର ୧୮ତମ ସଂସ୍କରଣ । ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ୍ ଟୁର୍ନାମେଂଟର ୧୮ତମ ସଂସ୍କରଣ ସଫଳତାର ସହ ସମାପନ ହୋଇଛି । ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକର ବଛାବଛା ୮ଟି ଦଳକୁ ନେଇ ଏହି ଟୁର୍ନାମେଂଟଟି ଆୟୋଜନ କରାଯାଇଥିଲା । ତେବେ ସମସ୍ତଙ୍କୁ ପଛରେ ପକାଇ କଟକର ଚାର୍ଜ ଇଲେଭେନ୍ ଦଳ ୧୮ତମ ଏକ ଦିବସୀୟ ଦିବାରାତ୍ର ଇଗଲ କପ୍ କ୍ରିକେଟ୍ ଟୁର୍ନାମେଂଟର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ଟୁର୍ନାମେଟ୍‌ର ଉଦଘାଟକ ଭାବେ ଖୋର୍ଦ୍ଧାର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ, ୧୫ ନମ୍ବର ୱାର୍ଡ଼ର କାଉନସିଲର ପ୍ରବୀଣା ଜଗଦେବରାୟ, ଅନୀଲ ରାମ ପ୍ରମୁଖ ଯୋଗଦେଇଥିଲେ । ରାତି ବଢ଼ିବା ସାଂଗକୁ ଡ଼ିଜେ ସାଉଣ୍ଡର ତାଳେ ତାଳେ ଦର୍ଶକମାନେ ଖେଳର ବେଶ ମଜା ଉଠାଇଥିଲେ । ରାତ୍ର ଠିକ୍ ୧ଟା ସମୟରେ ଆରମ୍ଭ ହୋଇଥିଲା ଇଗଲ କପ୍ କ୍ରିକେଟ ୧୮ତମ ସଂସ୍କରଣର ଫାଇନାଲ ମ୍ୟାଚ । ଫାଇନାଲକୁ କଟକର ଦୁଇଟି ଟିମ୍ ଉତିର୍ନ୍ନ ହୋଇଥିବା ବେଳେ, ମ୍ୟାଜିକ୍ ଏକାଦଶ ଦଳ ଟସରେ ଜିତି ଚାର୍ଜ ଇଲେଭେନ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରିତ କରିଥିଲେ । ଚାର୍ଜ ଇଲେଭେନ ଦଳ ନିର୍ଦ୍ଧାରିତ ୬ ଓଭରରେ ୨ ୱିକେଟ୍ ହରାଇ ୧୨୩ରନ୍ କରିଥିଲେ । ଦଳ ପକ୍ଷରୁ ପୂର୍ବତନ ରଣଜୀ ତାରକା ଦୀପକ ବେହେରା ୧୦ଟି ବଲରୁ ୩୭ରନ ଓ ରଂଜନ ରାଉତ ୮ଟି ବଲରୁ ୩୧ରନ କରିଥିଲେ । ଜବାବରେ ମ୍ୟାଜିକ୍ ଏକାଦଶ ଦଳ ୬ ଓଭରରେ ୩ଟି ୱିକେଟ୍ ହରାଇ ୧୦୦ରନ୍ କରିବାକୁ ସକ୍ଷମ ହୋଇଥିଲେ । ଦଳ ପକ୍ଷରୁ ବାପୁନି ବେହେରା ୧୨ଟି ବଲରୁ ୩୪ରନ ଓ ଅବଦୁଲ ରଜାକ୍ ୧୪ଟି ବଲରୁ ୩୦ରନ କରିଥିଲେ । ଫଳରେ ଚାର୍ଜ ଇଲେଭେନ୍ ଦଳ ଚଳିତ ବର୍ଷର ଚମ୍ପିୟାନ ହୋଇଥିଲେ । ଟୁର୍ନାମେଟର ସମସ୍ତ ମ୍ୟାଚକୁ ଡ୍ୟାନ୍ସିଙ୍ଗ୍ ଅମ୍ପିୟାର ସାନୁଜ ବିଶ୍ୱାଳ ଓ ଗିରିଶ ନାୟକ ପରିଚାଳନା କରିଥିଲେ । ସେହିପରି ସ୍କୋରରେ ଶିବାଶିଷ ପଟ୍ଟନାୟକ ଓ ନୂତନକ୍ରାନ୍ତି ପାଲ ସହଯୋଗ କରିଥିବା ବେଳେ, ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଦାୟିତ୍ୱ ତୁଲାଇଥିଲେ । ଇଗଲ କ୍ଲବର ମୁଖ୍ୟ ସଂଯୋଜକ ତଥା ପ୍ରତିଷ୍ଠାତା ସଂପାଦକ ଅଭିଶେକ ସିଂହସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ-ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ୫ ନମ୍ବର ୱାର୍ଡ଼ କାଉନସିଲର ଅମୀୟ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୯୯୯୯/- ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୭୭୭୭/- ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ।

# ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଲଦା,ଫୁଲଝର,କୁମୁଣ୍ଡି,ଶୁଆକାଟି,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି□ହୀନ ଅଭିଯୋଗ କରି କାରଖାନା କ□ପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ□ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା□କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଷୟ-ୱାର୍ଡ଼ ନଂ ୩୮ରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପିଏନ)-ନୟାପଲ୍ଲୀ ୱାର୍ଡ଼ ନଂ ୩୮ ର ବାଲିତୋଟାସାହି ବସ୍ତିରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ ୩୮ର ପୂର୍ବତନ କର୍ପୋରେଟର୍ ନିଖିଳ କୁମାର ବଳବନ୍ତରାୟ, ଡେପୁଟୀ ସେକ୍ରେଟେରୀ ସ୍ପୋଟସ୍ ସିଳେନ୍ଦ୍ର କୁମାର ଜେନା, ଜେ.ଡି.ସି.ଓ ପ୍ରତାପ ପ...ନାୟକ, ୱାର୍ଡ଼ ଅଫିସର ନିଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର୍ ନିବେଦିତା ଦାସ୍, ସାନିଟାରୀ ଇନସ୍ପେଟର ସୁନିଲ କୁମାର ସାହୁ ଓ ୱାର୍ଡ଼ର ସମସ୍ତ ସୁପରଭାଇଜର ଉପସ୍ଥିତ ରହି ଜନସାଧାରଣ କିପରିଭାବେ କରୋନାରୁ ବିତ ହେବେ ସେ ବାବଦରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତାର ର୍ବା ବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ-୩୮ର ବାଲିତୋଟାସାହି ବସ୍ତିର ଅନେକ ମହିଳା ଓ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ ।

# ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତ୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ଼) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ। ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ। ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ଼)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍‌ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

# ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି ।
ତାଙ୍କର କର୍ତ୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି। ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ। ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା□ ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପଞ୍ଚାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି। ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି।

# ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୂପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜ୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା। ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।




Bhubaneswar Wednesday May 11, 2022 ଭୁବନେଶ୍ୱର ବୁଧବାର, ମଇ ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜାରକା ଫ୍ଲାଇଓଭର ବ୍ରିଜ ସଂଯୋଗୀକରଣ ରାସ୍ତା ନିର୍ମାଣରେ ବିଳମ୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ୧୬ନଂ ଜାତୀୟ ରାଜପଥର ଜାରକା ଛକରେ ଏକ ଫ୍ଲାଇ ଓଭର ବ୍ରିଜର ସଂଯୋଗୀକରଣ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗତ ୪ ବର୍ଷ ହେଲା ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟନ୍ତ ପ୍ରଶସ୍ତି କରଣ କାମ ଚାଲିଥିବା ବେଳେ ଦୀଲିପ ବିଲଡକନ ନାମକ ଏକ ବାହାର ରାଜ୍ୟର ଠିକା କମ୍ପାନୀ ଏହି କାମ କରୁଛି । ରାସ୍ତା ପ୍ରଶସ୍ତି କରଣ ସମୟରେ ଜାରକା ଛକର ଗୁରୁତ୍ୱକୁ ଦେଖି ଏଠାରେ ଏକ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କରିବାକୁ ଜାରକାରେ ଥିବା ବିଭିନ୍ନ ବଜାର କମିଟି ଓ ସ୍ଥାନୀୟ ଅଂଚଳର ଲୋକମାନେ ଦାବି କରିବା ସହ ଠିକା ସଂସ୍ଥା ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ପରେ ଏଠାରେ ଏକ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ପାଇଁ ଅନୁମତି ମିଳିଥିଲା । ଫଳରେ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଗତ ୨ ବର୍ଷ ତଳେ ମୁଖ୍ୟ ରାସ୍ତାକୁ ଖୋଳାଯାଇ ଓଭର ବ୍ରିଜ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ଓଭରବ୍ରିଜ କାମ ଯୋଗୁଁ ମୁଖ୍ୟ ରାସ୍ତା ଦେଇ ଯାନବାହାନ ଚଳାଚଳ ବନ୍ଦ ହେବା ଫଳରେ ବାଇପାସ ରାସ୍ତା ଦେଇ ଯାତାୟତ ଆରମ୍ଭ ହୋଇଥିଲା । ତେବେ ଦେଢ ବର୍ଷ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଏହାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ବିଳମ୍ବ ଘଟୁଛି । ଠିକା କମ୍ପାନୀ ନିଜ ମନମାନିରେ କାମ କରୁଥିବା ବେଳେ ଦୀର୍ଘ ଏକ ମାସ ହେବ ଏଠାରେ କାମ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବାରୁ ବର୍ତମାନ ଏହା ଅଧପନ୍ତରିଆ ଭାବେ ପଡିରହିଛି । କାମ ବନ୍ଦ ରହିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀମାନଙ୍କ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀମାନଙ୍କୁ ତାଗିଦ କରିବାକୁ ପଛାଉଛନ୍ତି । ଦୀର୍ଘ ୨ ବର୍ଷ ହେଲା ଏଠାରେ ରାସ୍ତା କାମ ଚାଲିଥିବାରୁ ଗାଡି ଗୁଡିକ ବାଇପାସ ରାସ୍ତା ଦେଇ ଯାତାୟତ କରୁଛି । ୧୬ ନମ୍ବର ଜାତୀୟ ରାଜପଥ ସର୍ବାଧିକ ବ୍ୟସ୍ତ ବହୁଳ ହୋଇଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ହାଲୁକା ଓ ଭାରିଯାନା ଯାତାୟତ କରୁଛି । ବଜାର ଅଂଚଳଦେ ଧୃତ ଗତିରେ ଗାଡି ଗୁଡିକ ଚଳାଚଳ କରିବା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି । ଯହାକୁ ନେଇ ସ୍ଥାନୀୟ ବଜାର କମିଟି ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ତେବେ ବର୍ଷା ପୁର୍ବରୁ ଯଥାଶିଘ୍ର ଏହି କାମ ସାରିବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୨ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇ ଗ୍ରାମରେ ଗତ ରବିବାର ଦୁଇ ପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ସାରୋଇ ଗ୍ରାମର ଅଜୟ ମଳିକ ଓ ଭୀମ ସେଠିଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା । ଏସମ୍ପର୍କରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ୨୫୪/୨୨ ଓ ୨୫୩/୨୨ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଆଜି ଉଭୟ ଅଜୟ ଓ ଭୀମକୁ ଗିରଫ କରାଯାଇ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଜୋନ-୧୨ର ଧର୍ମଶାଳା ରଜ କୁଇନ ୨୦୨୨ ଦ୍ୱିତୀୟ ପର୍ଯ୍ୟାୟ ଚୟନ




ଭୁବନେଶ୍ୱର,(ପି.ଏନ): ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତ[illegible]ବଧାନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ପ୍ରତିଯୋଗୀତାରେ ୨୯୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୧୪ଜଣଙ୍କୁ ମନୋନୀତ କରାଯାଇଛି । ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଦୀ ତନୟା ମଲ୍ଲିକ୍ଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ରଜ କୁଇନର ଦ୍ୱିତୀୟ ଜୋନ୍ ସ୍ତରୀୟ ପ୍ରତିଯୋଗିତା ସହାଣୀଡିହ ପଞ୍ଚାୟତର କଠଉଣୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ନଂ ଜୋନର ୯ଗୋଟି ପଞ୍ଚାୟତରୁ ୨୯୫ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଜୋନ୍ ସ୍ତରକୁ ୧୪ଜଣ ଉନ୍ନୀତ ହୋଇଛନ୍ତି । ପ୍ରତିଯୋଗିତାରେ ଗିରିଧାରି ବେହେରା, ବବୁଲ ଖାନ୍ ଓ କସ୍ତୁରୀ ନାୟକ ଜୁରୀ ଭାବେ ବିଚାର କରିଥିଲେ । ଏଥିରେ ନୃତ୍ୟ, ସଙ୍ଗୀତ, ରାମ୍ପସୋ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜେଡି ସଭାପତି ତଥା ଜୋନ ନଂ-୧୪ ଜିଲ୍ଲାପରିଷଦ ଜଳଧର ମହାନ୍ତି ଇ ଉଦ୍ଘାଟନ କରିଥିଲେ । ୧୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଣତୀ ଲେଙ୍କା, ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଏବଂ ଗାର୍ଲସ ୱିଙ୍ଗ୍ ସମସ୍ତ କର୍ମକ[illegible] ସହଯୋଗ କରିଥିଲେ ।

## ରେମୁଣାରେ ମାତୃ ଦିବସ ପାଳିତ

ବାଲେଶ୍ୱର,(ପି.ଏନ): ମାତୃ ସେବା ସଂସ୍ଥା ରେମୁଣା ଆନୁକୁଲ୍ୟରେ ବିଶ୍ୱ ମାତୃ ଦିବସ ପୂର୍ଣ୍ଣମଣିଙ୍କ ସ୍ମୃତି ଭବନରେ ପାଳିତ ହୋଇଯାଇଛି । ସେବା ସଂସ୍ଥାର ସଭାପତି ପ୍ରଦୀପ କୁମାର ମିଶ୍ର ଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ଼ଃ ସିନ୍ଧୁ ଜେନା ମୁଖ୍ୟ ବକ୍ତା ଶିକ୍ଷାବିତ୍ ଡଃ ଭାଗବତ ପ୍ରସାଦ ଦାସ, ସମ୍ମାନିତ ଅତିଥି ଡଃ ସରୋଜ କୁମାର ବେହେରା, କ୍ଷିରୋଚରା ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ କବି ମୁରଲୀ ନାୟକ, ବିକ[illegible]ନ ନାୟକ, ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ମାତୃଜାତିକୁ କେବଳ ଗୋଟିଏ ଦିନ ପୂଜା ନ କରି ୩୬୫ ଦିନ ପୂଜା କଲେ ମାତୃ ଦିବସ ପାଳନର ଯଥାର୍ଥ ହୋଇପାରିବ ବୋଲି କହିଥିଲେ । ସଭାରେ ବୟଜ୍ୟୋଷ୍ଠ ୩ ଜଣ ମା' ବାସନ୍ତୀ ମହାକୁଡ଼, ସୁନାମଣୀ ବେହେରା, ରୁକ୍ମଣୀ ଖଟୁଆଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦ୍ୱିତିୟ ଅଧିବେସନରେ ମାତୃଜାତି ସମ୍ପର୍କିତ ଏକ ମନୋଜ୍ଞ କବିତା ଆସର କୁମାରୀ ଇପ୍ସିତା ସ୍ୱାଇଁ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ।

## ବାଲିବିଲି ପ୍ରାଥମିକ ବିଦ୍ୟାଳୟର ଦୁର୍ନିତୀରେ ପୂର୍ଣ୍ଣଚ୍ଛେଦ ପଡିଲା, ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ

ଚଣ୍ଡିଖୋଲ, (ପିଏନ) : ଯାଜପୁର ଜିଲ୍ଲା ଧର୍ମଶାଳା ଶିକ୍ଷା ସର୍କଲ ଅନ୍ତର୍ଗତ ନେଉଳପୁର ପଂଚାୟତ ୧ନମ୍ବର ୱାଡ ବାଲିବିଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟଳୟରେ ଦୀର୍ଘଦିନ ଧରି ଆଖିବୁଜା ଦୁର୍ନିତ ହୋଇଆସୁଥିଲା । ଏଥିରେ ଦୀର୍ଘଦିନରୁ ସ୍ଥାନୀ କଂଟିଗଡିଆ ଗ୍ରାମର ଆ[illegible]ତ୍ରାଣ ସେଠୀ ପ୍ରଧାନ ଶିକ୍ଷକ ଭାବେ ରହିଆସୁଥିବା ବେଳେ ସେ ମିଥ୍ୟା ବିଦ୍ୟାଳୟରେ ବହୁ ସଂଖ୍ୟାକ ଛାତ୍ରଛାତ୍ରୀ ପଢୁଥିବାର ଦର୍ଶାଇ ସେମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଡ୍ରେସ ଏବଂ ଅନ୍ୟାନ ସମସ୍ତ ଟଙ୍କା ପଇସା ହଡପ କରିଆସୁଥିଲେ । ଏପରକି ବିଲକୁଲ ବିଦ୍ୟାଳକୁ ଆସୁନଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଖାଦ୍ୟ ବିଲକୁଲ ରନ୍ଧା ହେଉନଥିଲା । ଏନେଇ ବାରମ୍ବାର ଗଣମାଧମରେ ପ୍ରକାଶିତ ହୋଇଥିଲେବି ରାଜନୈତିକ କାରଣରୁ ଚାପ ପକାଇ ଏହାକୁ ଦବାଇ ଦେଉଥିଲେ । ତେବେ ୨୮.୦୪.୨୦୨୨ରେ ବିଭାଗ ପତ୍ର ସଂଖ୍ୟା ୯୦୪ରେ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ ହୋଇଥିଲା । ହେଲେ ଏହାକୁ ମଧ ଆଣଦେଖା କରିଥିଲେ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ । ଫଳରେ ବ୍ଲକ ଶିକ୍ଷା ଅଧିକାରୀ ୯୫୮ ତା ୦୯.୦୫.୨୦୨୨ରେ ତାଙ୍କୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଏବଂ ବିଭିନ୍ନ ଦୁର୍ନିତରେ ଲିପ୍ତ ରହିବା ଯୋଗୁ କାର୍ଯ୍ୟରୁ ନିଲମ୍ବିତ କରିବା ସହିତ ତାଙ୍କ କାର୍ଯ୍ୟସ୍ଥାନ କ୍ଷେତ୍ରପାଳ ବିଦ୍ୟାଳୟକୁ ସ୍ଥିରିକୃତ କରିଛନ୍ତି । ତେବେ ଏହି ଘଟଣାକୁ ସ୍ଥାନୀୟ ଅଂଚଳରେ ବୁଦ୍ଧିଜିବୀ ମାନେ ସ୍ୱାଗତ କରିଛନ୍ତି ।

## ମେସିନ୍ କରୁଛି ମନରେଗା କାମ : ଝରଗାଡ଼ିଆ ପୋଖରୀରୁ ମାଟି ବିକ୍ରି ଅଭିଯୋଗ



ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତ ଝରଗାଡ଼ିଆ ପୋଖରୀର ପୁନରୁଦ୍ଧାର କରାଯାଉଛି । ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୫ଲକ୍ଷ ଓ ୨ଲକ୍ଷ ଟଙ୍କା ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ଅର୍ଥରେ ପୋଖରୀ ଖନନ କାମ ହେଉଥିବା ଜଣାପଡିଛି । ନିୟମାନୁସାରେ ମନରେଗା କାମ ଶ୍ରମିକମାନେ କରିବା କଥା । ହେଲେ ଏଠାରେ ଶ୍ରମିକଙ୍କ ବଦଳରେ ଏକ ବୁଲ୍‌ଡ଼ୋଜର ମାଟି ଓ ପଙ୍କ ଖୋଳୁଥିବା ଦେଖିବାକୁ ମିଳିଛି । ସେହିପରି ପୋଖରୀ ମାଟି ଓ ପଙ୍କକୁ ବନ୍ଧ ଉପରେ ପକାଇବା ବଦଳରେ ଏହାକୁ କେତେକ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ବୋହି ନିଆଯାଇ ଅନ୍ୟତ୍ର ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ନିର୍ମାଣାଧୀନ ପୋଖରୀର ଗଭୀରତା କମିଯିବା ସହିତ ବନ୍ଧ ଦୁର୍ବଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏନେଇ ତହସିଲ କର୍ତୃପକ୍ଷଙ୍କ ଠାରୁ ମଧ୍ୟ ଅନୁମତି ନିଆଯାଇନଥିବା ଜଣାପଡ଼ିଛି । ଏଥିରେ ରାଜ୍ୟ ସରକାରଙ୍କର ରାଜସ୍ୱହାନୀ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଆରୁହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାକାର ପଥରଖାଦାନ ଓ କ୍ରସରରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ଆଦିବାସୀ ଶ୍ରମିକ ପରିବାର ଆସି ମୂଲ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ପ୍ରଶାସନ ବାରମ୍ବାର ଚଢ଼ଉ କରିବାରୁ ବେଆଇନ ପଥରଖାଦାନ ଓ ଅଧିକାଂଶ କ୍ରସର ଏବେ ବନ୍ଦ ହୋଇଯାଇଛି । ସେମାନଙ୍କୁ ମନରେଗା ପ୍ରକଳ୍ପରେ କାମ ମିଳୁନଥିବା ବେଳେ ମେସିନ୍ ପୋଖରୀ ଖନନ କରୁଛି । ଫଳରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ମେସିନ୍‌ରେ କାମ କରିବା ପାଇଁ ମନରେଗାରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ଅର୍ଥ ଯୋଡ଼ି ଦିଆଯାଇଛି । ଯାଜପୁର ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଗାଇନୋବେଦ ଆୟୁର୍ବେଦିକ ବ୍ରାଣ୍ଡ ସହ ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁ ସାମିଲ ହେଲେ



ଭୁବନେଶ୍ୱର, (ପି.ଏନ): ଗାଇନୋବେଦ ବିଶ୍ୱର ପ୍ରଥମ ଆୟୁର୍ବେଦିକ ଫେମଟେକ୍ ବ୍ରାଣ୍ଡ, ଯାହାକି ଭାରତୀୟ ମହିଳାମାନଙ୍କୁ ସମସ୍ତ ଋତୁସ୍ରାବ ଏବଂ ଗର୍ଭଧାରଣ ସମସ୍ୟାରୁ ମୁକ୍ତ କରିବାର ଲକ୍ଷ୍ୟ ସହିତ ପ୍ରସିଦ୍ଧ ଅଭିନେତ୍ରୀ ତାପସୀ ପନ୍ନୁଙ୍କୁ ନିଜର ବ୍ରାଣ୍ଡ ଆମ୍ବାସେଡର ଭାବରେ ନିଯୁକ୍ତି କରିଛି । ଏହି ସଂସ୍ଥାର ଏକ ଅଂଶ ଭାବରେ, ଗାଇନୋବେଦ ଆୟୁର୍ବେଦ ଫର ହେଲଦିପିରିୟଡ୍ସ ଆରମ୍ଭ କରିଛି । ଏହି ଡିଜିଟାଲ-ଫାଷ୍ଟ କମ୍ପାନୀ ଦେଶର ୨୦,୦୦୦ ପିନ୍ କୋଡ୍ ଏରିଆରେ ରହୁଥିବା ମହିଳାଙ୍କ ପିସିଓଏସ୍, ପିସିଓଡି, ଯୌନାଙ୍ଗରୁ ଡିସ୍ଚାର୍ଜ, ବନ୍ଧ୍ୟାତ୍ୱ ଆଦି ସ୍ତ୍ରୀରୋଗ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ସହଜ ଓ କମ୍ ଦାମରେ ଆୟୁର୍ବେଦିକ ଉପଚାର ଉପଲବ୍ଧ କରାଉଛି । ଏହି ଡାଇରେକ୍ଟ ଟୁ କୁମର୍ (ଡି୨ସି) ବ୍ରାଣ୍ଡ କ୍ଲିନିକାଲ୍ ଗବେଷଣା କରାଯାଇଥିବା ବିରଳ ଚେରମୂଳରେ ତିଆରି ନିଜର ଅତ୍ୟନ୍ତ ପ୍ରଭାବଶାଳୀ ଆୟୁର୍ବେଦିକ ମାଲିକାନା ଔଷଧଗୁଡ଼ିକ ପାଇଁ ଗାଇନୋବେଦ ଗ୍ରାହକଙ୍କ ଭଲପାଇବା ଓ ସମର୍ଥନ ପାଇଛି, ତେଣୁ ଅନ୍ୟ ପକ୍ଷରେ ତାପସୀ ପନ୍ନୁଙ୍କ ସହିତ ଟିମ ବନାଇବା ଗାଇନୋବେଦ ପାଇଁ ସଠିକ ସମୟ, ଯିଏକି ବିଶେଷ ରୂପରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସୁରକ୍ଷାକୁ ପ୍ରଭାବିତ କରୁଥିବା ଗଭୀର ସାମାଜିକ ପରିବର୍ତନକୁ ବିଶେଷ କରି ସକ୍ରିୟ ଭାବରେ ସମର୍ଥନ କରିଛନ୍ତି । ଅଭିନେତ୍ରୀ ତାପସୀ ପନ୍ନୁଙ୍କ ସହଭାଗିତାକୁ ନେଇ ଗାଇନୋବେଦର ପ୍ରତିଷ୍ଠାତା ତଥା ସିଇଓ ବିଶାଲ ଗୁପ୍ତା କହିଛନ୍ତି ଯେ, ବତମହିଳାଙ୍କ ଋତୁସ୍ରାବଜନିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗାଇନୋବେଦେକୁ ବିଶ୍ୱରେ ମହିଳାଙ୍କର ପ୍ରଥମ ପସନ୍ଦନିୟ ବ୍ରାଣ୍ଡ କରିବା ଆମର ଲକ୍ଷ୍ୟ । ଗାଇନୋବେଦ ଏଭଳି ଏକ ବ୍ରାଣ୍ଡ ଯାହା ଆୟୁର୍ବେଦ, ଟେକ୍ନୋଲୋଜି, କଣ୍ଟେଂଟ ଓ କମ୍ୟୁନିଟି ସହାୟତାରେ ନିଜ ପ୍ରଡକ୍ଟକୁ ଯୌବନଆରମ୍ଭ ଠାରୁ ରଜୋନିବୃତି ପର୍ଯ୍ୟନ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଯତ୍ନକୁ ସହଜ ଓ ସୁଲଭ ମୂଲ୍ୟରେ ପାଇବା ଭଳି କରିପାରିଛି । ମହିଳା ସଶକ୍ତିକରଣ ପାଇଁ ତାପସୀ ଜଣେ ଆଇକନ୍ ଅର୍ଥାତ ପ୍ରତ୍ୟକ ଅଟନ୍ତି ଏବଂ ସର୍ବଦା ସ୍ଥିତିକୁ ଚ୍ୟାଲେ କରିଆସୁଛନ୍ତି । ଗାଇନୋବେଦର ସହ ପ୍ରତିଷ୍ଠାତା ରଚନା ଗୁପ୍ତା ଏଥିରେ ଆହୁରି ମଧ ଯୋଡ଼ି କହିଛନ୍ତି ଯେ, ବତଜଣେ ମହିଳାଙ୍କୁ ବାହାରୁ ଭଲ ଦେଖାଯିବାକୁ ହେଲେ ଭିତରୁ ସେ ସୁସ୍ଥ ରହିବା ନିହାତି ଜରୁରୀ । ଏହାକୁ ଦୃଷ୍ଟିରେ ରଖି ଗାଇନୋବେଦ ସର୍ବଦା ମହିଳାଙ୍କୁ ଭିତରୁ ସୁସ୍ଥ ରଖି ବାହାରୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ସହଯୋଗ କରିଥାଏ । ଆମ ଆୟୁର୍ବେଦିକ ଡାଏଟ୍ ମହିଳାଙ୍କ ମାସିକ ଋତୁସ୍ରାବଜନିତ ସମସ୍ୟାର ସମାଧାନ ଦିଗରେ ସକରାତ୍ମକ ପ୍ରଭାବ ପକାଇଛି । ନିଜ ଭାବନାକୁ ଯୋଡି ଅଭିନେତ୍ରୀ ତାପସୀ ପନ୍ନୁ କହିଛନ୍ତି, ବତଜଣେ ମହିଳା ଭାବରେ ମୁଁ ମହିଳା ସଶକ୍ତିକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ କାରଣଗୁଡିକରେ ଯୋଗଦାନ କରିବା ପାଇଁ ମୋର ବ୍ୟକ୍ତିଗତ ଅନୁଭବ ଏବଂ ଧାରଣାକୁ ବ୍ୟବହାର କରିବା ପାଇଁ ଦୃଢ ଭାବରେ ପ୍ରତିବଦ୍ଧ ମନେ କରେ । ବିଶେଷକରି ମହିଳାମାନଙ୍କ ପାଇଁ ଋତୁସ୍ରାବ ଏବଂ ପ୍ରଜନନ ଜନିତ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ଉପରେ ଅଧିକ ଆଲୋଚନା କରାଯାଇନଥାଏ ଏବଂ ସମାଧାନ ମଧ୍ୟ ହୋଇନଥାଏ । ମୁଁ ଆଶା କରୁଛି ଯେ ମହିଳାମାନଙ୍କୁ ଆଉ ନିରବରେ ଯନ୍ତ୍ରଣା ଭୋଗିବାକୁ ପଡିବ ନାହିଁ ବୋଲି ସନ୍ଦେଶ ବିସ୍ତାର କରିବା ପାଇଁ ମୁଁ ଜଣେ ମୁଖ୍ୟ ଉତ୍ସ ହୋଇପାରେ । ଗାଇନୋବେଦ ପରି, ତାପସୀ ସର୍ବଦା ମହିଳାମାନଙ୍କର ମଙ୍ଗଳ ଏବଂ ସ୍ୱାସ୍ଥ୍ୟ ପାଇଁ କହିଆସୁଛନ୍ତି । ମହିଳା-କେନ୍ଦ୍ରିତ ଚଳଚ୍ଚିତ୍ରଗୁଡ଼ିକର ଚିତ୍ରଣ ସହିତ ମହିଳା ସମ୍ବନ୍ଧିତ କାରଣଗୁଡ଼ିକ ସହିତ ଯୋଡିହୋଇଥିବା ପାଇଁ ଜଣାଶୁଣା ଯେହେତୁ ସଂଗଠନ ସହିତ, ତାପସୀ ପନ୍ନୁ ମହିଳାମାନଙ୍କୁ ଶସକ୍ତ କରିବ । ଆୟୁର୍ବେଦର ବ୍ୟବହାର ସହିତ ଗାଇନୋବେଦ ମହିଳାମାନଙ୍କର ଯୌନାଙ୍ଗ, ମାସିକଧର୍ମ ଏବଂ ବନ୍ଧ୍ୟାତ୍ୱ ସମ୍ବନ୍ଧିତ ସମସ୍ୟାଗୁଡ଼ିକ ପାଇଁ ସହଜରେ ଉପଲବ୍ଧ, ଶସ୍ତା ଚିକିତ୍ସା ପ୍ରଦାନ କରୁଛି ଏବଂ ବିଗତ ୨ ବର୍ଷରେ ୧ ଲକ୍ଷରୁ ଅଧିକ ମହିଳାମାନଙ୍କର ପୁରୁଣା ଋତୁସ୍ରାବଜନିତ ସମସ୍ୟାଗୁଡ଼ିକର ଚିକିତ୍ସା କରିବାରେ ସାହାଯ୍ୟ କରିଆସିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray